ସକାଳ
THE SAKALA
# ସିନ୍ଦୂରା
ରବିବାର
ମେ ୨୪-୩୦, ୨୦୨୬
www.sakalaepaper.com


- ଦରବୃଦ୍ଧିରେ ପ୍ରଭାବିତ ଜୀବନ ଯାତ୍ରା
- ସୁନାରେ ସୁନାମୀ
- ରୋଷେଇ ଘରେ ମହଙ୍ଗା ମାଡ଼
- ମହଙ୍ଗା ହେବ ହୋଟେଲ ଖାଦ୍ୟ
- କୃଷି କ୍ଷେତ୍ରରେ ଦରବୃଦ୍ଧିର ପ୍ରଭାବ



# ମହଙ୍ଗା ବଜାର

ଭାରତରେ ପୁଣି ଲେଉଟିଲା ଦରବୃଦ୍ଧି । ହୁ ହୁ ହୋଇ ବଢ଼ି ଚାଲିଛି ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର । ମହଙ୍ଗା ମାଡ଼ରେ ଭାଙ୍ଗି ଯାଉଛି ସାଧାରଣ ଜନତାଙ୍କ ଆର୍ଥିକ ମେରୁଦଣ୍ଡ । ସୁନା, ରୁପା, ପଟ୍ରୋଲ, ଡିଜେଲ, ଏଲ୍‌ପିଜିଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ପେଟ୍ରୋଲ, ଡିଜେଲ, ଏଲ୍‌ପିଜିର ଅହେତୁକ ଦରବୃଦ୍ଧି ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ ଚିନ୍ତାର କାରଣ ପାଲଟିଛି । ଗତ ସାଢ଼େ ତିନି ବର୍ଷ ମଧ୍ୟରେ ପାଇକାରୀ ମୁଦ୍ରାସ୍ଫୀତି ହାର ସର୍ବାଧିକସ୍ତରରେ ପହଞ୍ଚିଛି । ଖୁଚୁରା ବଜାରରେ ଖାଦ୍ୟପେୟ ଜିନିଷ ଉପରେ ଏହାର ପ୍ରଭାବ ପଡ଼ିଛି । ସେପଟେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ଦୁର୍ବଳ ହେବାରେ ଲାଗିଛି । ଫଳରେ ଦେଶର ଅର୍ଥନୀତି ପ୍ରଭାବିତ ହେଉଛି । ଏହି ପରିପ୍ରେକ୍ଷୀରେ ଭାରତର ଦରବୃଦ୍ଧିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା ।

ପ୍ରସ୍ତୁତି : 'ସକାଳ' ବ୍ୟୁରୋ



## ପେଟ୍ରୋଲ, ଡିଜେଲ, ଏଲ୍‌ପିଜିକୁ ନେଇ ଚିନ୍ତା



ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ଅନୁସାରେ ଗତ ଏପ୍ରିଲ ମାସରେ ସବୁଠାରୁ ଅଧିକ ଇନ୍ଧନ ଓ ଶକ୍ତି ସଂକଟ ଦେଖାଦେଇଥିଲା । ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଓ ଅଶୋଧିତ ତୈଳ ଦର ତୀବ୍ର ଭାବରେ ବଢ଼ି ବଢ଼ି ଚାଲିଛି । ଅଶୋଧିତ ତୈଳ ଦର ବୃଦ୍ଧି ୮୮.୦୬ % ପର୍ଯ୍ୟନ୍ତ ପହଞ୍ଚି ଯାଇଛି । ସେପଟେ ପେଟ୍ରୋଲ୍ ୩୨.୪୦ % ଓ ଡିଜେଲ ୨୫.୧୯ % ମହଙ୍ଗା ହୋଇଛି । ମେ' ମାସରେ ଗୋଟିଏ ସପ୍ତାହରେ ଦୁଇ ଦୁଇ ଥର ପେଟ୍ରୋଲ,ଡିଜେଲ ଦର ବୃଦ୍ଧି ଘଟିଛି । ଇନ୍ଧନ ଓ ବିଜୁଳି ଦର ବୃଦ୍ଧି ୨୪.୭୧% ରେ ପହଞ୍ଚିଛି । ଇନ୍ଧନ ମହଙ୍ଗାର ପ୍ରଭାବ ପ୍ରତ୍ୟକ୍ଷ ଭାବରେ ପରିବହନ ଶିଳ୍ପ ଉପରେ ଭାରି ପଡ଼ିଛି । ଫଳରେ ପନିପରିବା, କ୍ଷୀର, ରାସନ ସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଜିନିଷର ଦର ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି ।

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଫଳରେ ହର୍ମୁଜ ପ୍ରଣାଳୀରେ ଅବରୋଧ ଯୋଗୁଁ ତୈଳ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହୋଇଛି । ଫଳରେ ଭାରତରେ ଇନ୍ଧନ ସଂକଟ ଦେଖିବାକୁ ମିଳିଛି । ଉଭୟ ଘରୋଇ ଓ ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡରର ଦର ବୃଦ୍ଧି ହୋଇଛି । ଘରୋଇ ଗ୍ୟାସ୍ ଯୋଗାଣରେ ବାଧାପ୍ରାପ୍ତ ହେବାରୁ ଏହାର ପ୍ରଭାବ ସିଧା ରୋଷେଇ ଘର ଉପରେ ପଡ଼ିଛି । ସେହିପରି ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଦର ବୃଦ୍ଧି ଯୋଗୁଁ ବିଭିନ୍ନ ହୋଟେଲ, ରେସ୍ତୋରାଁରେ ରନ୍ଧନ ଖାଦ୍ୟ ପଦାର୍ଥର ଦର ବଢ଼ି ଯାଇଛି । ଏହାର ସିଧା ପ୍ରଭାବ ଗ୍ରାହକଙ୍କ ଉପରେ ପଡୁଛି । ବିଶେଷ କରି ଗରିବ, ମଧ୍ୟବିତ୍ତ ପରିବାର, ହଷ୍ଟେଲରେ ରହୁଥିବା କର୍ମଜୀବୀ, ଛାତ୍ରଛାତ୍ରୀମାନେ ଏହା ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି ।

ଭାରତ ହେଉଛି ବିଶ୍ୱର ତୃତୀୟ ସବୁଠାରୁ ବଡ଼ ତୈଳ ଆମଦାନି ଦେଶ । ଯଦି ବିଶ୍ୱସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି ହୁଏ, ତେବେ ଏହାର ସିଧା ପ୍ରଭାବ ଭାରତର ଅର୍ଥବ୍ୟବସ୍ଥା ଉପରେ ପଡ଼ିଥାଏ । ତୈଳ ଦର ମହଙ୍ଗା ହେଲେ ଇନ୍ଧନ, ପରିବହନ, ଘରୋଇ ଖର୍ଚ୍ଚ ବଢ଼ି ଯାଇଥାଏ । ଆଗାମୀ ଦିନରେ ବିଭିନ୍ନ ସାମଗ୍ରୀର ଦର ବୃଦ୍ଧି ହେବାର ସମ୍ଭାବନା ରହିଛି । ତେଣୁ ସରକାର ଏବଂ ଆର୍‌ବିଆଇର ନଜର କେବଳ ଖାଦ୍ୟ ପଦାର୍ଥ ଦରବୃଦ୍ଧି ଉପରେ ନୁହେଁ, ବରଂ ବୈଶ୍ୱିକ ଶକ୍ତି ଦର ଓ ଟଙ୍କାର ସ୍ଥିତି ଉପରେ ରହିଛି । ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା କ୍ରମାଗତ ଭାବେ ଦୁର୍ବଳ ହେବାରେ ଲାଗିଛି । ତେଣୁ ଭାରତର ଅର୍ଥବ୍ୟବସ୍ଥା ଭୁଶୁଡ଼ିବାରେ ଲାଗିଛି ବୋଲି ବିଶେଷଜ୍ଞମାନେ କହୁଛନ୍ତି ।



ଦିନକୁ ଦିନ ଭାରତରେ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି ଘଟିବାରେ ଲାଗିଛି । ବର୍ତ୍ତମାନ ଜନସାଧାରଣଙ୍କୁ ଦରବୃଦ୍ଧି ଚିନ୍ତା ଘାରିଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧକୁ ଅଢ଼େଇ ମାସରୁ ଅଧିକ ସମୟ ହେଲାଣି । ତଥାପି ଯୁଦ୍ଧ ସଂକଟ ଟଳି ନାହିଁ । ଏହି ଯୁଦ୍ଧର ପ୍ରଭାବରେ ଭାରତର ଆର୍ଥିକସ୍ଥିତି ବେଶ୍ ପ୍ରଭାବିତ ହୋଇଛି । ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁଁ ଭାରତ ଉପରେ ମହଙ୍ଗା ମାଡ଼ ହେଉଛି । ଏଲ୍‌ପିଜି ସିଲିଣ୍ଡର ଦାମ୍ ଦୁଇ ମାସରେ ୪ ଥର ବଢ଼ିଲାଣି । ସେହିପରି ସୁନା, ରୁପା, ଡିଜେଲ, ପଟ୍ରୋଲ, କ୍ଷୀର, ଖାଇବା ତେଲ ଆଦି ଅତ୍ୟାବଶ୍ୟକୀୟ ଜିନିଷର ଦାମ ବୃଦ୍ଧି ପାଇବାରେ ଲାଗିଛି । ଦରବୃଦ୍ଧି ଚିନ୍ତା ଏବେ ସାଧାରଣ ଜନତାଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି । ଭାରତର ଦରବୃଦ୍ଧିର କାରଣ ଓ ସାଧାରଣ ଜନତାଙ୍କ ଉପରେ ଏହାର ପ୍ରଭାବକୁ ନେଇ ପ୍ରସ୍ତୁତ ସ୍ୱତନ୍ତ୍ର ଉପସ୍ଥାପନା ।



## ଧକ୍କା ଦେଲା ଧବଳ ଧାତୁ

ସବୁଠାରୁ ଅଧିକ ଝଟ୍‌କା ଦେଇଛି ଦାମିକା ଧାତୁ । ଚାନ୍ଦି ଗହଣା ମହଙ୍ଗା ଦର ୧୪୪.୩୪ % ହୋଇଛି । ସେପଟେ ସୁନା, ଡାଇମଣ୍ଡ ଏବଂ ପ୍ଲାଟିନମ୍ ଜ୍ୱେଲର୍ସ ୪୦.୭୨% ମହଙ୍ଗା ହୋଇଛି ।

## ପାଇକାରୀ ମୁଦ୍ରାସ୍ଫୀତି ହାର ବୃଦ୍ଧି

ଭାରତରେ ପୁଣି ଦରବୃଦ୍ଧି ଲେଉଟିଲାଣି । ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ସଦ୍ୟ ତଥ୍ୟ ଅନୁସାରେ, ଗତ ଏପ୍ରିଲ ୨୦୨୬ରେ ପାଇକାରୀ ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇ ୮.୩୦ % ରେ ପହଞ୍ଚିଥିଲା । ଏହା ଗତ ସାଢ଼େ ତିନ ବର୍ଷରେ ସବୁଠାରୁ ଅଧିକ । ମାର୍ଚ୍ଚ ୨୦୨୬ରେ ପାଇକାରୀ ମୁଦ୍ରାସ୍ଫୀତି ହାର ୩. ୮୮ % ଥିଲା । କିନ୍ତୁ ଗୋଟିଏ ମାସ ମଧ୍ୟରେ ଏହା ତୀବ୍ର ଭାବରେ ବଢ଼ି ଯାଇଛି । ସେହିପରି ଲଗାତାର ଛଅ ମାସ ମଧ୍ୟରେ କଞ୍ଜୁମର୍ ପ୍ରାଇସ୍ ଇଣ୍ଡେକ୍ସ ବା ସିପିଆଇ ୩.୮ % ରେ ପହଞ୍ଚିଥିବା ରେକର୍ଡ କରାଯାଇଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଅଶୋଧିତ ତୈଳ ଯୋଗାଣ ହ୍ରାସ ପାଇବାରୁ ପଟ୍ରୋଲ, ଡିଜେଲ ସଂକଟ ଦେଖାଦେଇଛି । ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଏବଂ ବିଭିନ୍ନ ମୂଲ୍ୟବାନ ଧାତୁର ଦରବୃଦ୍ଧିର ଗଭୀର ପ୍ରଭାବ ଭାରତର ସାଧାରଣ ଜନତାଙ୍କ ଉପରେ ପଡୁଛି । ବିଶେଷଜ୍ଞଙ୍କ କହିବା ଅନୁଯାୟୀ,ଆଗାମୀ ଦିନରେ ପରିବହନ, ଖାଦ୍ୟ ସାମଗ୍ରୀ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦର ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି ।

## ଜିଡିପି ବୃଦ୍ଧି ଉପରେ ପ୍ରଭାବ

ଦୀର୍ଘ ସମୟ ଧରି ମଧ୍ୟପ୍ରାଚ୍ୟ ଯୁଦ୍ଧ ସଂକଟ ଭାରତର ଆର୍ଥିକ ବିକାଶ ଉପରେ ଗଭୀର ପ୍ରଭାବ ପକାଇବ । ଏଡିବି ତଥ୍ୟ ଅନୁଯାୟୀ ଭାରତର ଜିଡିପି ବୃଦ୍ଧିରେ ୦.୬ % କମି ଆସିପାରେ । ଏହା ହ୍ରାସ ପାଇ ୬.୩% ରହିପାରେ । ଉଲ୍ଲେଖନୀୟ କଥା ହେଉଛି, ଏଡିବିର ଚଳିତ ଆର୍ଥିକ ବର୍ଷରେ ଏହା ୭.୩ % ପର୍ଯ୍ୟନ୍ତ ପହଞ୍ଚିପାରେ ବୋଲି ଆଶା କରାଯାଉଛି । ତେବେ ଦୁଃଖର କଥା ଆସନ୍ତାବର୍ଷ ଭାରତୀୟ ଅର୍ଥବ୍ୟବସ୍ଥା ପୁଣି ଯନ୍ତ୍ରଣାଦାୟକ ସ୍ଥିତିକୁ ଫେରିପାରେ । ଅଶୋଧିତ ତୈଳ ଦର ବୃଦ୍ଧିର ପ୍ରଭାବ କେବଳ ଜିଡିପିରେ ସୀମିତ ନୁହେଁ । ଏହା ସହିତ ଭାରତରେ ମହଙ୍ଗା ବୃଦ୍ଧି ପାଇପାରେ । ଚଳିତ ଆର୍ଥିକ ବର୍ଷରେ ଦରବୃଦ୍ଧି ଯୋଗୁଁ ଏଡିବି ପ୍ରଥମେ ୪.୫ % ହୋଇପାରେ ବୋଲି ଅନୁମାନ କରାଯାଉଥିଲା । ଏହା ଏବେ ବୃଦ୍ଧି ପାଇ ୬.୯ % ରେ ପହଞ୍ଚିଛି ।

## ସଞ୍ଚୟ କରିବା ଆବଶ୍ୟକ

ସାଧାରଣ ଉପଭୋକ୍ତା ମହଙ୍ଗା ମାଡ଼ରୁ କିଭଳି ବର୍ତ୍ତିବେ, ଏବେ ସେଥିପାଇଁ ସମସ୍ତଙ୍କର ଚିନ୍ତା । ବିଶେଷଜ୍ଞଙ୍କ କହିବା ଅନୁସାରେ ବର୍ତ୍ତମାନ ଦେଶର ନାଗରିକମାନେ ନିଜ ଆର୍ଥିକ ସ୍ଥିତି ଅନୁସାରେ ଖର୍ଚ୍ଚ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ । ଆଗାମୀ ଦିନରେ ଆହୁରି ଦରବୃଦ୍ଧିର ସମ୍ଭାବନା ରହିଛି । ତେଣୁ କେବଳ ଆବଶ୍ୟକ ଜିନିଷ କିଣିବାରେ ଖର୍ଚ୍ଚ କରିବା ଏବଂ ସଞ୍ଚୟକୁ ପ୍ରାଥମିକତା ଦେବା ଉଚିତ । ଫଳରେ ଆର୍ଥିକ ଅନିଶ୍ଚିତତାକୁ ସାମ୍ନା କରିହେବ । ବିତ୍ତୀୟ ଅନୁଶାସନ କେବଳ ପାରିବାରିକ ଏବଂ ବ୍ୟକ୍ତିଗତସ୍ତରରେ ସହଯୋଗ କରିବ ତାହା ନୁହେଁ, ବରଂ କଠିନ ସମୟରେ ଅନାବଶ୍ୟକ ଉପଭୋଗର ଚାପକୁ ହ୍ରାସ କରିବା ସହିତ ଦେଶର ଆର୍ଥିକ ରୂପକୁ ଲାଭ ପହଞ୍ଚାଇବ ।

## ସାଧାରଣ ଜନତା ପ୍ରଭାବିତ

ଦରବୃଦ୍ଧିର ପ୍ରଭାବ ଆସନ୍ତା ମାସକୁ ଖୁଚୁରା ବଜାର ଉପରେ ପଡ଼ିବ । ପରିବହନ ମହଙ୍ଗା ହେବା ଫଳରେ ଫଳ, ପନିପରିବା ଓ ଦୈନନ୍ଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦାମ ବଢ଼ିବାର ସମ୍ଭାବନା ରହିଛି । ଏହା ବ୍ୟତୀତ ନିର୍ମାଣ ସାମଗ୍ରୀ ଓ ଆବଶ୍ୟକୀୟ ଧାତୁର ମୂଲ୍ୟ ବଢ଼ିବା ଫଳରେ ଗୃହ ନିର୍ମାଣ ଓ ଭିତ୍ତିଭୂମି ପ୍ରକଳ୍ପର ଦରବୃଦ୍ଧିର ଆଶଙ୍କା ରହିଛି । ସେହିପରି କପଡ଼ା, କେମିକାଲ୍ ଓ ପ୍ୟାକେଜିଂ ସହିତ ଜଡ଼ିତ ଉତ୍ପାଦ ମହଙ୍ଗା ହୋଇପାରେ । ଯଦି ଅତ୍ୟାବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ପାଏ, ଗରିବ ଲୋକେ ଅଧିକ ଅସୁବିଧାର ସମ୍ମୁଖୀନ ହେବେ । ଅଳ୍ପ ରୋଜଗାରରେ ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟକର ହୋଇପଡ଼ିବ । ଏପରିକି ମଧ୍ୟବିତ୍ତ ପରିବାର ଉପରେ ମଧ୍ୟ ଦରବୃଦ୍ଧିର ସିଧାସଳଖ ପ୍ରଭାବ ପଡ଼ିବ । ଦୈନନ୍ଦିନ ଖର୍ଚ୍ଚଠାରୁ ଆରମ୍ଭ କରି ପିଲାମାନଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ ସେବା ଆଦି ଖର୍ଚ୍ଚ ବଢ଼ି ବଢ଼ି ଚାଲିଛି । ଫଳରେ ଘୋର ଆର୍ଥିକ ସଂକଟ ସୃଷ୍ଟି ହେବାରେ ଲାଗିଛି ।

## ଖାଦ୍ୟପେୟ ଉପରେ ମିଶ୍ରିତ ପ୍ରଭାବ

ଏପ୍ରିଲ ମାସରୁ ଫୁଡ୍ ଇଣ୍ଡେକ୍ସ ୨.୩୨ % ମହଙ୍ଗା ହୋଇଥିବା ରେକର୍ଡ କରାଯାଇଥିଲା । ଫଳ, ତୈଳ ବୀଜ, ଅଣ୍ଡା, ମାଛ, ମାଂସ, କ୍ଷୀର ଆଦିର ଦର ଅନେକ ପରିମାଣରେ ବୃଦ୍ଧି ପାଇଛି । ତେବେ ପିଆଜ, ଆଳୁ ଆଦିର ଦର ହ୍ରାସ ପାଇଛି । ସରକାରୀ ତଥ୍ୟ ଅନୁସାରେ, ତୈଳ ବୀଜ ମହଙ୍ଗା ଦର ୨୨.୨୪% ରହିଥିଲା । ସେପଟେ ଅଣ୍ଡା, ମାଛ,ମାଂସର ଦର ୬.୬୮% ମହଙ୍ଗା ହୋଇଥିଲା । ଅନ୍ୟପକ୍ଷରେ ପିଆଜ ଦର ୨୬.୪୫ % ଓ ଆଳୁର ୩୦.୦୪% ହ୍ରାସ ପାଇଥିବା ରେକର୍ଡ କରାଯାଇଥିଲା ।




## କ'ଣ ହେବ ମହଙ୍ଗା

ଭାରତ ନିଜ ଆବଶ୍ୟକତାର ବଡ଼ ଅଂଶ ତୈଳ ଓ ଗ୍ୟାସ୍ ବିଦେଶରୁ ଆମଦାନି କରିଥାଏ । ଅନ୍ତର୍ରାଷ୍ଟ୍ରୀୟ ବଜାରରେ ତୈଳ ଓ ଗ୍ୟାସ୍ ଦର ବୃଦ୍ଧି ହେଲେ, ଏହାର ସିଧା ପ୍ରଭାବ ଭାରତ ଉପରେ ପଡ଼ିଥାଏ । ଏପରିକି ଗ୍ୟାସ୍ ଦର ବଢ଼ିଲେ ଖାଦ୍ୟ, ସାର, କୀଟନାଶକ ଔଷଧ ଦର ବଢ଼ିଥାଏ । ଫଳରେ କୃଷକମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଥାଏ । ଯଦି କୃଷକମାନେ କମ୍ ପରିମାଣରେ ସାର, କୀଟନାଶକ ଔଷଧ ବ୍ୟବହାର କରିବେ, ତେବେ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ରହିଛି । ଏହାର ପ୍ରଭାବ ଖାଦ୍ୟ ପଦାର୍ଥର ଦର ଉପରେ ପଡ଼ିବ । ମଧ୍ୟପ୍ରାଚ୍ୟରେ ଯଦି ଦୀର୍ଘ ସମୟ ଧରି ଯୁଦ୍ଧ ପରିସ୍ଥିତି ଜାରି ରୁହେ, ତେବେ ଭାରତ ବଜାର ଆହୁରି ମହଙ୍ଗା ହେବ । ଏହାର ସିଧା ପ୍ରଭାବ ଭାରତ ଗରିବ ଓ ମଧ୍ୟବିତ୍ତ ପରିବାର ଉପରେ ପଡ଼ିବ ।

ଅନ୍ତର୍ରାଷ୍ଟ୍ରୀୟ ବଜାରରେ କଞ୍ଚା ତୈଳର ଦର ବୃଦ୍ଧି ପାଇଲେ, ଆସନ୍ତା ଦିନରେ ଖୁଚୁରା ବଜାରରେ ଆହୁରି ଦରବୃଦ୍ଧିର ସମ୍ଭାବନା ରହିଛି । ଯଦି ଆଗାମୀ ଦିନରେ ଖୁଚୁରା ବଜାର ମହଙ୍ଗା ହୁଏ, ତେବେ ସାଧାରଣ ଜନତାଙ୍କ ଘରୋଇ ବଜେଟ୍ ପ୍ରଭାବିତ ହେବ । ତୀବ୍ର ଭାବରେ ଜିନିଷପତ୍ର ମହଙ୍ଗାର ପ୍ରଭାବ ସୁଧ ହାରକୁ ପ୍ରଭାବିତ କରିବ । ରିଜର୍ଭ ବ୍ୟାଙ୍କର ନୀତିଗତ ନିଷ୍ପତ୍ତି ଉପରେ ପ୍ରଭାବ ପକାଇପାରେ । ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ତଥ୍ୟ ବର୍ତ୍ତମାନ ପ୍ରୋଭିଜେନାଲ୍ ଅଟେ । ତେବେ ଏହା ଉପରେ ସଂଶୋଧନ ମଧ୍ୟ ସମ୍ଭବପର ନୁହେଁ ।

## ଆର୍‌ବିଆଇ ପାଇଁ ଚିନ୍ତା


ନିୟମିତ ଭାବେ ଦରବୃଦ୍ଧି ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ । ଯଦି ଆଗାମୀ ଦିନରେ ଖାଦ୍ୟ ପଦାର୍ଥର ମୂଲ୍ୟ ହ୍ରାସ ନହୁଏ, ତେବେ ସୁଧ ହାର ଉପରେ ଆର୍‌ବିଆଇ କଠୋର ପଦକ୍ଷେପ ନେଇପାରେ । ଏଭଳି ପରିସ୍ଥିତିରେ ଇଏମ୍‌ଆଇଠାରୁ ଆରମ୍ଭ କରି ଦୈନନ୍ଦିନ ଖର୍ଚ୍ଚ ପର୍ଯ୍ୟନ୍ତ ସାଧାରଣ ଜନତା ଉପରେ ଚାପ ପଡ଼ିପାରେ ।

ଆଗାମୀ ଦିନରେ ଯଦି ଅତ୍ୟାବଶ୍ୟକୀୟ ସାମଗ୍ରୀ ଦର ନିୟନ୍ତ୍ରଣ ନହୁଏ,ତେବେ ଅବସ୍ଥା ଆହୁରି ସାଂଘାତିକ ହେବ । ଗରିବ, ମଧ୍ୟବିତ୍ତ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ଦୋହଲି ଯିବ । ପରିବାର ଆର୍ଥିକ ବୋଝ ସମ୍ଭାଳିବା କଷ୍ଟକର ହୋଇପଡ଼ିବ । ତେଣୁ ସରକାର ଦରବୃଦ୍ଧି ଉପରେ ପ୍ରତିବନ୍ଧକ ଲଗାଇ ଦେଶରେ ଆର୍ଥିକ ସ୍ଥିତିକୁ ସନ୍ତୁଳନ ରଖିବାର ଆବଶ୍ୟକତା ରହିଛି । ନଚେତ୍ ଦେଶର ଆର୍ଥିକ ଅବସ୍ଥା ବିଗିଡ଼ି ଯିବ ।



## ସବୁଠାରୁ ଅଧିକ ମହଙ୍ଗା ରାଜ୍ୟ

ଭାରତର ବିଭିନ୍ନ ରାଜ୍ୟରେ ଦର ବୃଦ୍ଧିକୁ ନେଇ ଲୋକେ ଚିନ୍ତାରେ ପଡ଼ିଛନ୍ତି । ବିଶେଷ କରି ତେଲଙ୍ଗାନାରେ ସବୁଠାରୁ ଅଧିକ ୫.୮୧ % ଦର ବୃଦ୍ଧି ହୋଇଛି । ତେଲଙ୍ଗାନା ପରେ ପୁଡୁଚେରୀ, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁର ନମ୍ବର ରହିଛି । ସେପଟେ ଦିଲ୍ଲୀର ଦର ବୃଦ୍ଧି ୧. ୯୬ % ରହିଛି । ଯାହା ବଡ଼ ବଡ଼ ରାଜ୍ୟ ଅପେକ୍ଷା କମ୍ ରହିଛି । ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟ ମହଙ୍ଗା ହେବା ଫଳରେ ଓଡ଼ିଶାରେ ଗରିବ, ମଧ୍ୟବିତ୍ତ ପରିବାର ଲୋକେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।



# ପେଟ୍ରୋଲ, ଡିଜେଲ ଦରବୃଦ୍ଧି

# ପ୍ରଭାବିତ ଜୀବନ ଯାତ୍ରା

ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଗ୍ୟାସ୍, କୋଇଲା, ବିଦ୍ୟୁତ ଆଦି ବିନା ଜୀବନ ପ୍ରାୟ ଅଚଳ । କିନ୍ତୁ ଦୁଃଖର ବିଷୟ ହେଉଛି, ଭାରତ ଭଳି ବିକାଶଶୀଳ ରାଷ୍ଟ୍ର ସ୍ୱାଧୀନତାର ଦୀର୍ଘ ୭୯ ବର୍ଷ ପରେ ମଧ୍ୟ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହୋଇପାରିନାହିଁ । ଆମ ଦେଶର ବିପୁଳ ଜନସଂଖ୍ୟା ଓ ବଢୁଥିବା ଶିଳ୍ପକରଣ ପାଇଁ ଯେତେ ଶକ୍ତି ଆବଶ୍ୟକ, ତାହାର ବଡ଼ ଅଂଶ ଆମେ ବିଦେଶରୁ ଆମଦାନି କରୁଛୁ । ଫଳରେ ଆନ୍ତର୍ଜାତୀୟ ବଜାରରେ ଅଳ୍ପ ଅସ୍ଥିରତା ସୃଷ୍ଟି ହେଲେ ତାହାର ପ୍ରଭାବ ସିଧାସଳଖ ଭାବେ ଭାରତ ଓ ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଉପରେ ପଡୁଛି ।



ଡ. ବିମଳ ଷଡ଼ଙ୍ଗୀ




## ଅଶୋଧିତ ତୈଳ ଆମଦାନି

ଭାରତ ନିଜର ଆବଶ୍ୟକତାର ବହୁତ ବଡ଼ ଅଂଶ ଅଶୋଧିତ ତୈଳ ବିଦେଶରୁ ଆମଦାନି କରେ । ସାଉଦି ଆରବ, ରୁଷ୍, ଇରାକ, ୟୁଏଇ ଆମେରିକା ଭଳି ଦେଶଗୁଡ଼ିକ ଉପରେ ଆମ ନିର୍ଭରଶୀଳତା ବହୁତ ଅଧିକ । ଯେତେବେଳେ ମଧ୍ୟପ୍ରାଚ୍ୟରେ ବା ରୁଷ-ୟୁକ୍ରେନ ଯୁଦ୍ଧ ଭଳି ସଂଘର୍ଷ ସୃଷ୍ଟି ହୁଏ କିମ୍ବା ଓପେକ ଦେଶଗୁଡ଼ିକ ତେଲ ଉତ୍ପାଦନ କମାଇଦିଅନ୍ତି, ସମଗ୍ର ବିଶ୍ୱରେ ଅଶୋଧିତ ତୈଳଦର ବଢ଼ିଯାଏ । ଭାରତ ଭଳି ବୃହତ୍ ତୈଳ ଆମଦାନିକାରୀ ରାଷ୍ଟ୍ର ପାଇଁ ଏହା ଭୟଙ୍କର ଆର୍ଥିକ ଚାପ ସୃଷ୍ଟି କରେ । କାରଣ ତେଲ କିଣିବାକୁ ଡଲାର ଆବଶ୍ୟକ ହୁଏ । ଡଲାର ମୂଲ୍ୟ ବଢ଼ିଲେ ଭାରତୀୟ ଟଙ୍କା ଦୁର୍ବଳ ହୁଏ, ଫଳରେ ଆମଦାନି ଆହୁରି ମହଙ୍ଗା ହୋଇଯାଏ । ଏହାର ସିଧା ପ୍ରଭାବ ପେଟ୍ରୋଲ ଓ ଡିଜେଲ ଦର ଉପରେ ପଡ଼େ ।

## ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି

ପେଟ୍ରୋଲ ଓ ଡିଜେଲ ଦର ବଢ଼ିବା କାରଣରୁ ପରିବହନ ଖର୍ଚ୍ଚ ବଢ଼େ, ଫଳରେ ପନିପରିବାରୁ ଆରମ୍ଭ କରି ଚାଉଳ, ଡାଲି, ଦୁଧ, ଔଷଧ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ହୋଇଯାଏ । ଏହାଫଳରେ, ଆଜି ଜଣେ ସାଧାରଣ ଦିନମଜୁରିଆ, ଚାଷୀ, ଛୋଟ ବ୍ୟବସାୟୀ କିମ୍ବା ମଧ୍ୟବିତ୍ତ ପରିବାର ପାଇଁ ମାସିକ ଖର୍ଚ୍ଚ ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି । ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି ଗୃହିଣୀମାନଙ୍କ ଉପରେ ସିଧାସଳଖ ଆର୍ଥିକ ଚାପ ସୃଷ୍ଟି କରିଛି । ଅନେକ ଗରିବ ପରିବାର ପୁଣି କାଠ ଚୁଲିକୁ ଫେରିବାକୁ ବାଧ୍ୟ ହେଉଛନ୍ତି, ଯାହା କେବଳ ଆର୍ଥିକ ସମସ୍ୟା ନୁହେଁ, ବରଂ ସ୍ୱାସ୍ଥ୍ୟ ଓ ପରିବେଶ ସମସ୍ୟାକୁ ମଧ୍ୟ ଜୀବିତ କରିଛି ।

ସେହିପରି ଓଡ଼ିଶାରେ କୋଇଲା ଖଣି ଥିଲେ ମଧ୍ୟ ଡିଜେଲ ଓ ଗ୍ୟାସ୍ ଦର ବୃଦ୍ଧି ଚାଷୀ, ମାଛଧରାଳି, ଅଟୋ ଚାଳକ, ଛୋଟ ବ୍ୟବସାୟୀ ଓ ଶ୍ରମିକଙ୍କ ଜୀବନକୁ ପ୍ରଭାବିତ କରୁଛି । ଗ୍ରାମାଞ୍ଚଳରେ ଉଠା ଜଳସେଚନ ପମ୍ପ ଡିଜେଲ ଉପରେ ନିର୍ଭର କରେ । ଡିଜେଲ ଦର ବଢ଼ିଲେ ଚାଷ ଖର୍ଚ୍ଚ ବଢ଼େ । ଫଳରେ ଚାଷୀ ଋଣରେ ବୁଡୁଛନ୍ତି ଓ ଉପଭୋକ୍ତା ଅଧିକ ଦରରେ ସାମଗ୍ରୀ କ୍ରୟ କରିବାକୁ ବାଧ୍ୟ ହେଉଛନ୍ତି ।

## ଇନ୍ଧନ ଉପରେ ଅଧିକ କର

ଆଉ ଗୋଟିଏ ଗଭୀର ସମସ୍ୟା ହେଉଛି ଶକ୍ତି ନୀତିରେ ଦୀର୍ଘମିଆଦି ଯୋଜନାର ଅଭାବ । ଭାରତ ବର୍ଷ ବର୍ଷ ଧରି ପୁନର୍ବ୍ୟବହାରଯୋଗ୍ୟ ଶକ୍ତି ଯଥା, ସୂର୍ଯ୍ୟ, ପବନ, ବାୟୋଗ୍ୟାସ, ହାଇଡ୍ରୋଜେନ ଶକ୍ତି ଇତ୍ୟାଦି ଉପରେ ଜୋର୍ ଦେଉଥିବା କହିଆସୁଛି, କିନ୍ତୁ ପ୍ରକୃତରେ ଏହାର ପ୍ରଭାବ ଅତ୍ୟନ୍ତ ସୀମିତ । ଯଦି ପ୍ରତ୍ୟେକ ଗାଁରେ ସୌରଶକ୍ତି ବ୍ୟବସ୍ଥାକୁ ଶକ୍ତିଶାଳୀ କରାଯାଇଥାଆନ୍ତା, ତେବେ କୃଷି, ଘରୋଇ ବିଦ୍ୟୁତ୍ ଓ ଛୋଟ ଶିଳ୍ପ ପାଇଁ ଇନ୍ଧନ ନିର୍ଭରତା କମିପାରୁଥାନ୍ତା । କିନ୍ତୁ ଆମ ଶକ୍ତି ପରିଚାଳନା ଆଜି ମଧ୍ୟ ପୁରୁଣା ଆମଦାନି ନିର୍ଭରଶୀଳତା ଉପରେ ପର୍ଯ୍ୟବସିତ । ଏହା ସହିତ ଆଉ ଗୋଟିଏ ଚିନ୍ତାଜନକ ବିଷୟ ହେଉଛି ସରକାରଙ୍କର କର ନୀତି । ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କମିଲେ ମଧ୍ୟ ସାଧାରଣ ଲୋକ ବିଭିନ୍ନ ଦ୍ରବ୍ୟର ଦରଦାମରେ କମ୍ ପାଇନଥାନ୍ତି । କାରଣ କେନ୍ଦ୍ର ଓ ରାଜ୍ୟ ସରକାର ଇନ୍ଧନ ଉପରେ ଅଧିକ କର ଆଦାୟ କରୁଛନ୍ତି । ଏହା ଫଳରେ ସରକାରୀ ରାଜସ୍ୱ ବଢୁଥିବା ବେଳେ ସାଧାରଣ ଲୋକ ମହଙ୍ଗାର ଶିକାର ହେଉଛି । ଅର୍ଥନୀତିର ଲକ୍ଷ୍ୟ କେବଳ ରାଜସ୍ୱ ସଂଗ୍ରହ ନୁହେଁ; ଲୋକଙ୍କ ଜୀବନକୁ ସୁରକ୍ଷିତ ରଖିବା ମଧ୍ୟ ସରକାରଙ୍କ ଦାୟିତ୍ୱ ।

## ଦୀର୍ଘମିଆଦି ଶକ୍ତି ନୀତିର ଅଭାବ

ଶକ୍ତି ସୁରକ୍ଷା ଗୋଟିଏ ଜାତୀୟ ସୁରକ୍ଷା ପ୍ରଶ୍ନ । ଯେଉଁ ଦେଶ ଶକ୍ତିରେ ଅସୁରକ୍ଷିତ, ସେ ଦେଶର ଅର୍ଥନୀତି ସବୁବେଳେ ବିଶ୍ୱ ବଜାରର ଚାପରେ ରହିବ । ଭାରତରେ ଅନେକ ଶିଳ୍ପ ଆଜି ମଧ୍ୟ କୋଇଲା ଓ ତେଲ ଉପରେ ନିର୍ଭରଶୀଳ । ବିଦ୍ୟୁତ ଉତ୍ପାଦନରେ କୋଇଲା ମୁଖ୍ୟ ଭୂମିକାରେ ଥିଲେ ମଧ୍ୟ ପରିବେଶ ପ୍ରଦୂଷଣ ଓ ଖଣି ସଂକଟ ଆଗାମୀ ଦିନରେ ନୂଆ ସମସ୍ୟା ସୃଷ୍ଟି କରିବ । ବର୍ତ୍ତମାନ ଆବଶ୍ୟକ ହେଉଛି ଗୋଟିଏ ଦୀର୍ଘମିଆଦି ଓ ଲୋକାଭିମୁଖୀ ଶକ୍ତି ନୀତି । ପ୍ରଥମେ ଅଣପାରମ୍ପରିକ ଶକ୍ତିକୁ ଗ୍ରାମସ୍ତରରେ ପହଞ୍ଚାଇବା ସହିତ ଭାରତକୁ ଆମଦାନି ନିର୍ଭରତା କମାଇବାକୁ ପଡ଼ିବ । ଦ୍ୱିତୀୟତଃ, ସରକାର ଇନ୍ଧନ ଉପରେ କର ନୀତିକୁ ପୁନଃବିଚାର କରିବା ଉଚିତ । ତୃତୀୟତଃ, ସାଧାରଣ ଲୋକଙ୍କ ପାଇଁ ଶସ୍ତା ଓ ସୁରକ୍ଷିତ ସରକାରୀ ପରିବହନ ବ୍ୟବସ୍ଥା ବଢ଼ାଇବା ଆବଶ୍ୟକ । ଚତୁର୍ଥତଃ, ଚାଷୀଙ୍କୁ ସୌରପମ୍ପ ଓ ପୁନର୍ବ୍ୟବହାରଯୋଗ୍ୟ ଶକ୍ତିରେ ଅଧିକ ସହାୟତା ଦିଆଯିବା ଉଚିତ ।

ଆନ୍ତର୍ଜାତୀୟ ତୈଳ ବଜାରର ଅସ୍ଥିରତା ଭାରତ ଓ ଓଡ଼ିଶାର ଅସୁରକ୍ଷିତ ଶକ୍ତି ପରିଚାଳନାକୁ ସ୍ପଷ୍ଟ କରିଦେଇଛି । ସମୟ ଆସିଛି ଶକ୍ତିକୁ କେବଳ ରାଜସ୍ୱର ମାଧ୍ୟମ ଭାବେ ନୁହେଁ, ଲୋକଙ୍କ ଜୀବନ ସୁରକ୍ଷା ଓ ଜାତୀୟ ସ୍ୱାଧୀନତାର ଆଧାର ଭାବେ ଦେଖିବାକୁ ହେବ, ନହେଲେ ଆସନ୍ତା ଦିନରେ ଦରବୃଦ୍ଧି, ବେରୋଜଗାରୀ ଓ ଆର୍ଥିକ ଅସମାନତା ଆହୁରି ଭୟଙ୍କର ରୂପ ନେବ । ତେଣୁ, ସରକାର ନିଜର ସଂକୀର୍ଣ୍ଣ ରାଜନୈତିକ ମୋହରୁ ନିବୃତ୍ତ ରହି ଲୋକଙ୍କ ଦୈନନ୍ଦିନ ଯନ୍ତ୍ରଣାକୁ ବୁଝନ୍ତୁ ଏବଂ ତୁରନ୍ତ ସେମାନଙ୍କୁ ଏ ଦରଦାମ ଦାଉରୁ ବଞ୍ଚାଇବାକୁ ଦୃଢ଼ ପଦକ୍ଷେପ ନିଅନ୍ତୁ । ■

ଭୁବନେଶ୍ୱର
ମୋ: ୯୪୩୭୧୨୩୮୯୨



# ସୁନାରେ ସୁନାମୀ



ଅନନ୍ତ ଚରଣ ସ୍ୱାଇଁ

ସୁନା କେବଳ ଏକ ନିବେଶର ମାଧ୍ୟମ ନୁହେଁ । ଭାରତୀୟ ସଂସ୍କୃତିରେ ଏହାକୁ ଅତ୍ୟନ୍ତ ପବିତ୍ର ଓ ମୂଲ୍ୟବାନ ସମ୍ପତ୍ତି ଭାବେ ଦେଖାଯାଏ । ଏହି ହଳଦିଆ ଧାତୁ ସଞ୍ଚୟ, ସମୃଦ୍ଧି, ସୁରକ୍ଷା, ନିବେଶ, ସାମାଜିକ ମର୍ଯ୍ୟାଦା, ଧନ, ସୁସ୍ଥତା ଓ ସୌଭାଗ୍ୟର ପ୍ରତୀକ । ସୁନା ଅଳଙ୍କାର ପ୍ରତି ଭାରତୀୟ ନାରୀମାନଙ୍କ ଆକର୍ଷଣ ଅଧିକ । ଭାରତରେ ବିଭିନ୍ନ ସାମାଜିକ କାର୍ଯ୍ୟରେ ସୁନା ଅଳଙ୍କାର ପ୍ରଦାନ କରିବାର ପରମ୍ପରା ପ୍ରଚଳିତ । ତେଣୁ ଭାରତରେ ସୁନାର ବେଶ୍ ଚାହିଦା ରହିଛି । ତେବେ ଦିନକୁ ଦିନ ସୁନାର ମୂଲ୍ୟ ବୃଦ୍ଧି ଚିନ୍ତାର କାରଣ ପାଲଟିଛି ।

## ସୁନାର ମୂଲ୍ୟ ବୃଦ୍ଧି

ବିଗତ ୬୦ ବର୍ଷ ମଧ୍ୟରେ ସୁନା ଦାମରେ ଅସାଧାରଣ ବୃଦ୍ଧି ପାଇବାରେ ଲାଗିଛି । ୧୯୬୪ ମସିହାରେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୬୩.୨୫ ଟଙ୍କା ଥିଲା । ୨୦୨୫ ମସିହା ଡିସେମ୍ବର ମାସ ସୁଦ୍ଧା ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧. ୩୩ ଲକ୍ଷ ଟଙ୍କା ରହିଥିଲା । ବର୍ତ୍ତମାନ ୨୦୨୬ ମସିହାରେ ୧୦ ଗ୍ରାମ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧. ୫୯ ଲକ୍ଷ ଟଙ୍କାରେ ପହଞ୍ଚିଲାଣି । ସୁନାର ମୂଲ୍ୟରେ ଆଶାତୀତ ବୃଦ୍ଧି ସାଧାରଣ ଗ୍ରାହକଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଦେଶରେ ସୁନାର ଚାହିଦା ପୂରଣ ପାଇଁ ଏହାକୁ ବିଶ୍ୱ ବଜାରରୁ ଆମଦାନି କରିବାକୁ ପଡ଼ିଥାଏ ।

## ସୁନା ଆମଦାନି

ସ୍ୱିଜରଲ୍ୟାଣ୍ଡରୁ ଭାରତକୁ ୩୫%-୪୦% ସୁନା ଆମଦାନି କରାଯାଇଥାଏ । ସେହିପରି ୟୁନାଇଟେଡ୍ ଆରବ ଏମିରେଟସ୍, ଦକ୍ଷିଣ ଆଫ୍ରିକା, ପେରୁ ଓ ଅଷ୍ଟ୍ରେଲିଆରୁ ମଧ୍ୟ ସୁନା ଆମଦାନି ହୁଏ । ଭାରତର ସୁନା ଯୋଗାଣର ପ୍ରାୟ ୧୦%–୧୫% ରିସାଇକେଲିଂ ବା ସୁନାର ପୁନଃଚକ୍ରୀକରଣରୁ ଆସେ । ସେପଟେ ମୋଟ ସୁନା ଆବଶ୍ୟକତାର ୧% ରୁ କମ ଅଂଶ ଦେଶୀୟ ଖଣିରୁ ମିଳିଥାଏ ।

## ସୁନା ଆମଦାନିରେ ଅହେତୁକ ବୃଦ୍ଧି

୨୦୧୧ ରୁ ୨୦୨୫ ମସିହା ମଧ୍ୟରେ ଭାରତ ୩୭ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ସୁନା ଆମଦାନି କରାଯାଇଛି । ସେହିପରି ୨୦୧୯- ୨୦ ଆର୍ଥିକ ବର୍ଷରେ ସୁନା ଆମଦାନି ଥିଲା ୧୯୯୨୫୦ କୋଟି ଟଙ୍କା । ୨୦୨୪ -୨୫ ମସିହା ବେଳକୁ ଏହା ବୃଦ୍ଧି ପାଇ ୪୮୯୭୫୦ କୋଟି ଟଙ୍କାରେ ପହଞ୍ଚିଥିଲା । ମୂଲ୍ୟ ଆଧାରରେ, ଭାରତ ପ୍ରତିବର୍ଷ ୫୦ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ସୁନା ଆମଦାନି କରିଥାଏ ।

## ସୁନାର ଚାହିଦା ବୃଦ୍ଧିର ମୁଖ୍ୟ କାରଣ

ଭାରତରେ ସୁନା ଚାହିଦା କେବଳ ଋତୁକାଳୀନ ନୁହେଁ । ସୁନା ଦାମ ବଢ଼ିଲେ ମଧ୍ୟ ବିବାହ ଓ ପର୍ବପର୍ବାଣି ସମୟରେ କ୍ରୟ ଚାଲିଥାଏ । ବିବାହ, ଅକ୍ଷୟ ତୃତୀୟା, ଦୀପାବଳି, ଧନତେରାସ୍, ରଜ ଓ ପର୍ବପର୍ବାଣିରେ ସୁନା କିଣିବାର ପ୍ରଥା ରହିଛି । ଭାରତରେ ବିଶ୍ୱର ସବୁଠାରୁ ଅଧିକ ସୁନା ଗହଣା ବ୍ୟବହୃତ ହୁଏ । ଦେଶୀୟ ଉତ୍ପାଦନ ବହୁତ କମ୍, ଗହଣା ଶିଳ୍ପର ବିକାଶ, ସୁରକ୍ଷିତ ନିବେଶ ପାଇଁ ସୁନାକୁ ଚୟନ କରିବା, କେନ୍ଦ୍ରୀୟ ବ୍ୟାଙ୍କର ସୁନା କ୍ରୟ ଯୋଗୁଁ ସୁନାର ଦର ବଢ଼ି ବଢ଼ି ଚାଲିଛି ।



## ନିବେଶ ଓ ସୁରକ୍ଷିତ ସମ୍ପତ୍ତି

ସୁନାକୁ ଏକ 'ସୁରକ୍ଷିତ ନିବେଶ' ଭାବରେ ଦେଖାଯାଏ । ଯେତେବେଳେ ସେୟାର ବଜାରରେ ମାନ୍ଦାବସ୍ଥା ଦେଖାଦିଏ, ସେୟାରର ମୂଲ୍ୟ କ୍ରମାଗତ ହ୍ରାସପାଏ, ଯୁଦ୍ଧ ପାଇଁ ବିଶ୍ୱରେ ଅଶାନ୍ତିର ବାତାବରଣ ସୃଷ୍ଟି ହୁଏ, ମହଙ୍ଗା ବା ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୁଏ, ଡଲାର ଓ ଅନ୍ୟ ବୈଦେଶିକ ମୁଦ୍ରା ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପାଏ । ସେତେବେଳେ ସୁନାର ଦୀର୍ଘମିଆଦି ମୂଲ୍ୟ ବୃଦ୍ଧି ହୋଇଥାଏ ।

ଭାରତୀୟମାନଙ୍କ ପାଇଁ ସୁନା ଗହଣା ପ୍ରଥମ ପସନ୍ଦ ହେଲେ ମଧ୍ୟ ନିବେଶକମାନେ ଏହାକୁ ସୁରକ୍ଷିତ ନିବେଶ ଭାବେ ମଧ୍ୟ ଦେଖନ୍ତି । ଗୋଟିଏ ପଟେ, ସୁନା ଗହଣା ପ୍ରତି ଆସକ୍ତି ଓ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାର ଆବଶ୍ୟକତା ଓ ଅନ୍ୟ ପଟେ ନିଜ ସମ୍ପତ୍ତିରେ ସୁନାର ଅସ୍ତିତ୍ୱ ନିବେଶକମାନଙ୍କୁ ଦ୍ୱନ୍ଦ୍ୱରେ ପକାଏ । କେବଳ ନିବେଶ ପାଇଁ ସୁନା ଗହଣାରେ ବିନିଯୋଗ କରିବା ବୁଦ୍ଧିମାନର ବିକଳ୍ପ ନୁହେଁ । ଆର୍ଥିକ ଉପଦେଷ୍ଟାମାନଙ୍କ ମତରେ ନିଜ ସମ୍ପତ୍ତିରେ ସମୁଦାୟ ୫.୧୫% ସୁନା ରହିବା ଏକ ଉତ୍ତମ ବିକଳ୍ପ । ତେବେ କୌଣସି ଏକ ନିବେଶ ପୂର୍ବରୁ ନିବେଶ ସମୟ, ଆବଶ୍ୟକତା, ଟ୍ୟାକ୍ସ ସୁବିଧା, ସୁରକ୍ଷା ଆଦି କେତେକ ଦିଗ ପ୍ରତି ଧ୍ୟାନ ଦେବା ଜରୁରି ।

## ସୁନାରେ ସର୍ବୋତ୍ତମ ନିବେଶ

ସ୍ୱଳ୍ପ ମିଆଦି ବିନିଯୋଗ ପାଇଁ, ସହଜରେ କିଣାବିକା ସୁବିଧା ଥିବା ଗୋଲ୍ଡ ଇ.ଏଫ୍.ଟି ସର୍ବୋତ୍ତମ । ଏହା ଏସ୍.ଆଇ. ପି. (SIP) ମାଧ୍ୟମରେ ଆରମ୍ଭ କରିହେବ । ସେହିପରି ଯେ କୌଣସି ସମୟରେ ନିବେଶକୁ ବନ୍ଦ କରି ନିବେଶରୁ ପୂର୍ଣ୍ଣ ବା ଆଂଶିକ ରାଶି ନିଆଯାଇ ପାରିବ । ସେୟାର ପରି ତୁରନ୍ତ କ୍ରୟ ବିକ୍ରୟର ସୁବିଧା, ସେବି ଦ୍ୱାରା ନିୟନ୍ତ୍ରିତ ଏବଂ ସୁନା ପରି ଗଚ୍ଛିତ କରିବା ଦରକାର ପଡ଼େନି । ତେଣୁ ଅଧିକ ରାଶି ସୁନାଗହଣାରେ ନିବେଶ କରିବାକୁ ବିଶେଷଜ୍ଞମାନେ ସୁପାରିଶ କରନ୍ତି ନାହିଁ । ଗହଣା ଭଲ ହୋଇପାରେ ଏହା ବ୍ୟବହାର ପାଇଁ ଉତ୍ତମ କିନ୍ତୁ ନିବେଶ ପାଇଁ ନୁହେଁ । ଗହଣା ଉପରେ ଲାଗୁଥିବା ଗଢ଼ା ମଜୁରି, ଜି.ଏସ୍.ଟି. ଏହାର ପୁନଃବିକ୍ରୟ ମୂଲ୍ୟକୁ କମାଇ ଦିଏ । ଫଳରେ ଗହଣାରୁ ଆଶାଜନକ ରିଟର୍ଣ୍ଣ ମିଳେ ନାହିଁ ।



ବିଶ୍ୱ ବଜାରରେ ଅଶାନ୍ତି, ଅନିଶ୍ଚିତତା ଲାଗିରହିଛି । ସୁନାର ମୂଲ୍ୟ ମଧ୍ୟ ଲଗାତାର ବଢ଼ି ଚାଲିଛି । ଏପରି ସ୍ଥିତିରେ ସାଧାରଣ ଲୋକଟିଏ ସୁନାକୁ ନେଇ ଦ୍ୱନ୍ଦ୍ୱରେ, କୌଣସି ସଠିକ୍ ନିଷ୍ପତ୍ତି ନେଇପାରୁନି । ■

କଳିଙ୍ଗ ନଗର, ଭୁବନେଶ୍ୱର, ମୋ: ୭୩୮୧୦୪୬୪୭୭

# ବଢ଼ିବ ପନିର ଦର

ପେଟ୍ରୋଲ ଡିଜେଲ ଦର ବଢ଼ିବା ଦ୍ୱାରା କେବଳ ଗାଡ଼ି ଚଳାଇବା ଏବେ ମହଙ୍ଗା ହୋଇ ନାହିଁ, ବରଂ କ୍ଷୀର, ପନିପରିବା, ରାସନ ଆଦି ଜିନିଷର ମୂଲ୍ୟ ବୃଦ୍ଧି ହେବାକୁ ଯାଉଛି । ଏହି କ୍ରମରେ ଏବେ କ୍ଷୀର ଦାମ ବି ବଢ଼ିଛି । ଯେଉଁଥି ପାଇଁ ପନିର ଦର ପ୍ରଥମେ ବଢ଼ିବା ଆଶା କରାଯାଉଛି ।



ଅମୂଲ ଏବଂ ମଦର ଡାଏରୀ କ୍ଷୀରର ଦାମ ବଢ଼ାଇଛନ୍ତି । ମେ ୧୪ ତାରିଖରୁ ଲିଟର ପିଛା ୨ ଟଙ୍କା ବଢ଼ିଛି । ତେବେ ଭାରତରେ କ୍ଷୀର ହେଉଛି ନିତିଦିନ ଖାଦ୍ୟପାନୀୟ ଅର୍ଥବ୍ୟବସ୍ଥାର କେନ୍ଦ୍ର । ଯେତେବେଳେ କ୍ଷୀର ଦାମ୍ ବଢ଼େ, ଧୀରେ ଧୀରେ ଏହାର ପ୍ରଭାବ ପନିର, ଦହି, ଘିଅ, ମିଠା, ଚା' କଫି, ଚିଜ୍ ଆଇସ୍‌କ୍ରିମ ଏବଂ ରେସ୍ତୋରାଁ ଖାଦ୍ୟ ଉପରେ ପଡ଼ିଥାଏ । ସେହିପରି ଏହାର ଉଦାହରଣ ପୂର୍ବରୁ ବି ଦେଖିବାକୁ ମିଳିଛି । ୨୦୨୫ ମସିହାରେ ଜିଏସ୍‌ଟି ହ୍ରାସ ପାଇବାରୁ ଡାଏରୀ କମ୍ପାନି ପନିର, ଘିଅ, ଲହୁଣୀ ସମେତ ଅନ୍ୟ ଦୁଗ୍ଧଜାତ ଉତ୍ପାଦକୁ ଶସ୍ତା କରି ଦେଲେ । ତେଣୁ ଏବେ ବଜାର ବିଶେଷଜ୍ଞଙ୍କ କହିବା କଥା, ଏ ଦୃଷ୍ଟିରୁ ବଢୁଥିବା କ୍ଷୀର ଦରର ପ୍ରଭାବ ଅନ୍ୟ ଡାଏରୀ ଉତ୍ପାଦରେ ବି ଦେଖିବାକୁ ମିଳିବ । ତେବେ କ୍ଷୀର ଦାମ୍ ବଢ଼ିଲେ ପ୍ରଥମେ ପନିର ସବୁଠୁ ମହଙ୍ଗା ହେବା କୁହାଯାଉଛି । କାରଣ ପନିର ତିଆରି ଲାଗି ଅଧିକ କ୍ଷୀର ଦରକାର ପଡ଼େ । କିଲେ ପନିର ଲାଗି ୮-୧୦ ଗ୍ରାମ କ୍ଷୀର ଆବଶ୍ୟକ ପଡ଼େ । କ୍ଷୀର କିଣିବା ଲାଗି ଯେତେବେଳେ ଅଧିକ ଟଙ୍କା ପଡ଼ିବ, ଏହାର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡ଼ିବ ।




ସେହିପରି କ୍ଷୀର ମହଙ୍ଗା ହେବା ଦ୍ୱାରା କେବଳ ପନିର୍ ନୁହେଁ, ଦହି, ଘିଅ, ଛାଛ ପାଇଁ ବି ଗ୍ରାହକଙ୍କୁ ଅଧିକ ଟଙ୍କା ଗଣିବାକୁ ପଡ଼ିବ । ସେହିପରି ପାର୍ବଣ ଋତୁ ଆରମ୍ଭ ହେବା ପୂର୍ବରୁ ଏହିସବୁ ଜିନିଷର ଦର ବଢ଼ିବା ଦ୍ୱାରା ଗ୍ରାହକ ଅଧିକ ପ୍ରଭାବିତ ହେବେ । ଅବଶ୍ୟ ଏବେ ବିବାହ ଋତୁ ଚାଲିଛି । ତା'ସହ ଖରାଦିନ ଚାଲିଥିବାରୁ ଏବେ ଦହି, ଲସି, ଛାଛ କିଣିବା ବି ଏକପ୍ରକାର ମହଙ୍ଗା ହୋଇଯିବ । ତେବେ ଡାଏରୀ ପ୍ରଡକ୍ଟ ଏବେ ଏହି ସବୁର ଦାମ୍ ବଢ଼ାଇ ନାହାନ୍ତି । କିନ୍ତୁ ଆଶା କରାଯାଉଛି ଯେ, ଖୁବ୍‌ଶୀଘ୍ର ଏହାର ଦର ବୃଦ୍ଧି ଘଟିପାରେ ।



ଦୁଗ୍ଧଜାତ ଉତ୍ପାଦ ଉପରେ ମିଠା ଶିଳ୍ପ ନିର୍ଭରଶୀଳ । ଖୁଆ, ପନିର, କ୍ରିମ, ଘିଅ ଆଦି ଜିନିଷ ରସଗୋଲା, ଗୋଲପ ଜାମୁନ, ବର୍ଫି, ରାବିଡ଼ି ଭଳି ମିଠାର ମୁଖ୍ୟ ଆଧାର । ତେଣୁ ଡାଏରୀ ଉତ୍ପାଦର ଦର ବଢ଼ିଲେ ଏଥର ପୂଜାପର୍ବରେ ଯେଉଁ ସବୁ ମିଠା ବ୍ରିକି ହେବ, ତା'ର ଦାମ୍ ବି ବଢ଼ିବା ଆଶଙ୍କା କରାଯାଉଛି । ■


ଶ୍ରୁତକୀର୍ତ୍ତି ତ୍ରିପାଠୀ

ବର୍ତ୍ତମାନ ଦରବୃଦ୍ଧି ଏକ ସାଧାରଣ ଆଲୋଚନାର ବିଷୟ ନୁହେଁ, ବରଂ ପ୍ରତ୍ୟେକ ପରିବାରର ଦୈନନ୍ଦିନ ଚିନ୍ତାର କାରଣ ହୋଇପଡ଼ିଛି । ବିଶେଷକରି ରୋଷେଇ ଘରର ଖର୍ଚ୍ଚ ଯେପରି ଦିନକୁ ଦିନ ବଢ଼ି ଚାଲିଛି, ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାର ପାଇଁ ଘର ଚଲାଇବା ଏକ ବଡ଼ ସମସ୍ୟାରେ ପରିଣତ ହୋଇଛି । ଗ୍ୟାସ୍ ସିଲିଣ୍ଡରଠାରୁ ଆରମ୍ଭ କରି ଡାଲି, ତେଲ, ପିଆଜ, ଟମାଟୋ ଓ ସବୁଜ ପନିପରିବା ଯାଏଁ ସବୁଠି ଦରବୃଦ୍ଧିର ପ୍ରଭାବ ସ୍ପଷ୍ଟ ଭାବେ ଦେଖାଯାଉଛି । କିଛି ବର୍ଷ ଆଗରୁ ଯେଉଁ ସାମଗ୍ରୀ ସହଜରେ କିଣି ହେଉଥିଲା, ଏବେ ସେଗୁଡ଼ିକ କିଣିବା ପୂର୍ବରୁ ଲୋକମାନେ ଦୁଇଥର ଭାବୁଛନ୍ତି । ଦେଶର ଖୁଚୁରା ଦରବୃଦ୍ଧି ହାର ଅନେକ ସମୟରେ ୫ ରୁ ୬ ପ୍ରତିଶତ ମଧ୍ୟରେ ରହୁଥିବାବେଳେ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ତାହାଠାରୁ ଅଧିକ ହୋଇଥାଏ । ଆଳୁ, ପିଆଜ, ଟମାଟୋ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ସୋରିଷ ତେଲ, ଖାଦ୍ୟ ତେଲ, ଡାଲିର ଦର ବୃଦ୍ଧି ମଧ୍ୟ ସାଧାରଣ ଲୋକଙ୍କ ରୋଷେଇ ଘରର ବଜେଟ୍‌କୁ ଅସ୍ଥିର କରିଦେଇଛି ।

# ରୋଷେଇ ଘରେ ମହଙ୍ଗା ମାଡ଼









## ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରବୃଦ୍ଧିର କାରଣ

ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀର ଦରବୃଦ୍ଧି ପଛରେ ଅନେକ କାରଣ । ଯେମିତି କି ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ସହ କେତେକ ବ୍ୟବସାୟୀଙ୍କ କଳାବଜାରୀ ଏକ ମୁଖ୍ୟ କାରଣ । ଏହାର ସବୁଠାରୁ ଅଧିକ ପ୍ରଭାବ ପଡୁଛି ଗୃହିଣୀମାନଙ୍କ ଉପରେ । ସୀମିତ ଆୟରେ ଘର ଚଳାଇବାକୁ ସେମାନେ ଏବେ ବାଧ୍ୟ ହେଉଛନ୍ତି । ଆଗରୁ ଯେଉଁଠି ଗୋଟିଏ ପରିବାର ସପ୍ତାହରେ ଅନେକ ପ୍ରକାର ସବୁଜ ପନିପରିବା କିଣୁଥିଲେ, ଏବେ ସେଠି କମ୍ ପରିମାଣରେ ଏବଂ ଅତି ଆବଶ୍ୟକୀୟ ହେଲେ କିଣୁଛନ୍ତି । ପରିଣାମ ପୁଷ୍ଟିକର ଖାଦ୍ୟଠାରୁ ଅନେକ ପରିବାର ଶସ୍ତା ଖାଦ୍ୟକୁ ପସନ୍ଦ କରୁଛନ୍ତି । ଏହାର ଦୀର୍ଘମିଆଦି ପ୍ରଭାବ ଶିଶୁ ଓ ବୃଦ୍ଧଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିପାରେ । ଏକ ସର୍ବେକ୍ଷଣ ଅନୁଯାୟୀ, ସହରାଞ୍ଚଳର ଅଧିକାଂଶ ପରିବାର ତାଙ୍କ ମାସିକ ଆୟର ୪୦ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ଖାଦ୍ୟ ସାମଗ୍ରୀ କିଣିବାରେ ବ୍ୟୟ କରୁଛନ୍ତି । ଗ୍ରାମାଞ୍ଚଳରେ ମଧ୍ୟ ପରିସ୍ଥିତି ଅଲଗା ନୁହେଁ । ଆୟ ବଢୁଥିଲେ ମଧ୍ୟ ଖର୍ଚ୍ଚ ତା'ଠାରୁ ବେଶି ଗତିରେ ବଢୁଥିବାରୁ ସଞ୍ଚୟ କରିବା କଷ୍ଟକର ହୋଇପଡୁଛି ।

## ତୈଳ ଦରବୃଦ୍ଧିର ପ୍ରଭାବ

ନିକଟରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧିର ପ୍ରଭାବ କେବଳ ଯାନବାହନରେ ସୀମିତ ନୁହେଁ, ଏହା ପରିବହନ ଖର୍ଚ୍ଚ ମଧ୍ୟ ବଢ଼େଇ ଦେଉଛି । ଏହା ଦ୍ୱାରା ଫଳ, ପନିପରିବା, କ୍ଷୀର, ଡାଲି, ଚାଉଳ ଭଳି ରୋଷେଇ ଘରେ ନିତି ବ୍ୟବହାର ହେଉଥିବା ସାମଗ୍ରୀର ଦର ବଢ଼ି ଯାଉଛି` କଥା ହେଉଛି ଭାରତର ଅର୍ଥବ୍ୟବସ୍ଥା ପ୍ରାୟତଃ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ନିର୍ଭରଶୀଳ । ପରିବା ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଖାଇବା ଜିନିଷ ନେବା ଆଣିବା କରୁଥିବା ଯାନବାହନଠାରୁ ଆରମ୍ଭ କରି ଅନ୍‌ଲାଇନ୍ ମଗାଯାଉଥିବା ରୋଷେଇ ଖାଦ୍ୟ ପଦାର୍ଥ ପର୍ଯ୍ୟନ୍ତ ସବୁକିଛି ପରିବହନ ଉପରେ ନିର୍ଭର କରେ ମାତ୍ର କିଛି ଟଙ୍କାର ମୂଲ୍ୟ ବୃଦ୍ଧି ପ୍ରତ୍ୟକ୍ଷ ଭାବରେ ରାତାରାତି ପ୍ରଭାବିତ କରିପାରେ ନାହିଁ, କିନ୍ତୁ ସମୟ ସହିତ ଲଗାତାର ଭାବରେ ପରିବହନ ଖର୍ଚ୍ଚ ବୃଦ୍ଧି ଯୋଗୁଁ ଏହା ରୋଷେଇ ଘର ଖର୍ଚ୍ଚକୁ ପ୍ରଭାବିତ କରେ ।

ସର୍ବ ଭାରତୀୟ ଯାନବାହନ ଏବଂ ଦ୍ରବ୍ୟ ପରିବହନ ସଂସ୍ଥାର ଅଧ୍ୟକ୍ଷ ରାଜେନ୍ଦ୍ର କପୁର କୁହନ୍ତି, ପ୍ରଥମରୁ ହିଁ ପରିବହନ ବ୍ୟବସାୟୀ ଟୋଲ୍ ଟ୍ୟାକ୍ସ, ମହଙ୍ଗା ଯାନ୍ତ୍ରିକ ଉପକରଣ, ବୀମା ରାଶି, ଫିଟନେସ୍ ପରମିଟ୍ ଏବଂ ଅନ୍ୟାନ୍ୟ ଟ୍ୟାକ୍ସ ସମ୍ବନ୍ଧୀୟ ଖର୍ଚ୍ଚର ଚାପରେ କାମ କରୁଛନ୍ତି । ଏଭଳି ସମୟରେ ପେଟ୍ରୋଲ ଡିଜେଲ ଦରବୃଦ୍ଧିର ପ୍ରଭାବ ପ୍ରତ୍ୟେକ କ୍ଷେତ୍ରରେ ବୋଝ ଭଳି ମନେହେବ । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ, ପ୍ୟାକେଜ୍ ଖାଦ୍ୟ, ଗ୍ୟାସ୍ ସିଲିଣ୍ଡରର ଦରବୃଦ୍ଧି ରୋଷେଇ ଘରର ଖର୍ଚ୍ଚକୁ କେଇଗୁଣା ବଢ଼େଇ ଦିଏ । ଅନ୍ୟ ରାଜ୍ୟରୁ ଆମଦାନି କରାଯାଉଥିବା ଖାଦ୍ୟ ସାମଗ୍ରୀ ସ୍ଥାନୀୟ ଦୋକାନୀ ଏବଂ ବଣ୍ଟନକାରୀଙ୍କ ଖର୍ଚ୍ଚ ବଢ଼ାଏ । ଚାଷକାମ କରୁଥିବା କୃଷକମାନେ ମଧ୍ୟ ତେଲ ଦରବୃଦ୍ଧି ଯୋଗୁଁ ଟ୍ରାକ୍ଟର, ଜଳସେଚନ, ଫସଲ ଅମଳରେ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତି, ଯାହାର ପ୍ରଭାବ ପରିବା ଦରକୁ ପ୍ରଭାବିତ କରେ ।

## ସମାଧାନର ପନ୍ଥା

ତେବେ ଏହାର ସମାଧାନ କ'ଣ ? ସରକାରଙ୍କ ପକ୍ଷରୁ ଆବଶ୍ୟକୀୟ ସାମଗ୍ରୀର ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା ଓ କୃଷକଙ୍କୁ ଉଚିତ ସହାୟତା ଦେବା ଆବଶ୍ୟକ । ସେହିପରି ଲୋକମାନଙ୍କୁ ମଧ୍ୟ ଅପଚୟ ରୋକିବା ଓ ସଞ୍ଚୟମୂଳକ ଜୀବନଶୈଳୀ ଆପଣେଇ ନେବା ଆବଶ୍ୟକ । ଘରୋଇ ବଗିଚା, ସ୍ଥାନୀୟ ଉତ୍ପାଦନ ଓ ଋତୁ ଅନୁଯାୟୀ ପରିବା ବ୍ୟବହାର କରି କିଛି ମାତ୍ରାରେ ଖର୍ଚ୍ଚ କମାଇ ହେବ । ରୋଷେଇ ଘର କେବଳ ଖାଦ୍ୟ ରନ୍ଧନର ସ୍ଥାନ ନୁହେଁ; ଏହା ଗୋଟିଏ ପରିବାରର ଆର୍ଥିକ ଓ ସାମାଜିକ ସ୍ଥିତିର ଆଇନା । ଯେତେବେଳେ ରୋଷେଇ ଘରେ ଦରବୃଦ୍ଧିର ମାଡ଼ ପଡ଼େ, ସେତେବେଳେ ତାହାର ପ୍ରଭାବ ସମଗ୍ର ପରିବାର ଉପରେ ପଡ଼ିଥାଏ । ତେଣୁ ଏହାକୁ ନିୟନ୍ତ୍ରଣ କେବଳ ଆର୍ଥିକ ନୁହେଁ, ସାମାଜିକ ସ୍ଥିରତା ପାଇଁ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ■

ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

# ମହଙ୍ଗା ହେବ ହୋଟେଲ ଖାଦ୍ୟ





ଏଣିକି ଛୁଟିଦିନରେ ପରିବାର ତଥା ସାଙ୍ଗସାଥୀଙ୍କ ସହିତ ବିରିୟାନୀ, ପିଜ୍ଜା, ବର୍ଗର ଅର୍ଡର କରିବାର ସଉକ ମହଙ୍ଗା ହୋଇପାରେ । ଏପରିକି ରେସ୍ତୋରାଁରେ ବସି ଖାଇବା ବି ମହଙ୍ଗା ହୋଇପାରେ । କାରଣ ଆଗକୁ ରେସ୍ତୋରାଁ ଏବଂ ଡେଲିଭରି ଆପ୍ ୫-୧୦ ପ୍ରତିଶତ ଦାମ୍ ବଢ଼ାଇବାକୁ ନେଇ ପ୍ରସ୍ତୁତି କରୁଛନ୍ତି । ପେଟ୍ରୋଲ, ଡିଜେଲ, ଏଲ୍‌ପିଜି ଏବଂ କଞ୍ଚାମାଲର ମୂଲ୍ୟ ବୃଦ୍ଧି ଯୋଗୁଁ ଖାଦ୍ୟ ମହଙ୍ଗା ହେବ । ଦର ବୃଦ୍ଧି ଯୋଗୁଁ ରେସ୍ତୋରାଁରେ ବସି ଖାଇବା, ଅନଲାଇନ୍ ଫୁଡ୍ ଅର୍ଡର ଉପରେ କିଭଳି ପ୍ରଭାବ ପକାଇବ, ତାହାକୁ ନେଇ ଏହି ବିଶେଷ ଉପସ୍ଥାପନା ।

## ଚିନ୍ତାରେ ଫୁଡ୍ ଇଣ୍ଡଷ୍ଟ୍ରି

ଏଲ୍‌ପିଜି ସପ୍ଲାଏକୁ ନେଇ ପୂର୍ବରୁ ଚିନ୍ତାରେ ଥିବା ଫୁଡ୍ ଇଣ୍ଡଷ୍ଟ୍ରିକୁ ଆଉ ଏକ ଝଟ୍‌କା ଲାଗିଛି । ଏବେ ପୁଣି ପେଟ୍ରୋଲ ତଥା ଡିଜେଲ ଦର ବଢ଼ିବାରୁ ଖାଦ୍ୟ ଦାମ୍ ବି ୫-୧୦ ପ୍ରତିଶତ ବଢ଼ିପାରେ । ସାଧାରଣତଃ ରେସ୍ତୋରାଁ ବ୍ୟବସାୟ ପ୍ରତିବର୍ଷ ସେପ୍ଟେମ୍ବର ମାସ ପାଖାପାଖି ଦାମ୍‌ରେ ପରିବର୍ତ୍ତନ ଆଣନ୍ତି । ହେଲେ ନ୍ୟାସନାଲ୍ ରେସ୍ତୋରାଁ ଆସୋସିଏସନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ)ର ଅଧ୍ୟକ୍ଷ ତଥା ୱାଓ ମୋମୋର ସହ-ପ୍ରତିଷ୍ଠାତା ସାଗର ଦରୟାନୀ କହିଛନ୍ତି ଜୁଲାଇ ୧ ତାରିଖରୁ ଦାମ୍ ବଢ଼ାଇବା ଛଡ଼ା ସେମାନଙ୍କ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ ।

## ଦର ବୃଦ୍ଧିର କାରଣ

ଇନପୁଟ୍ ଖର୍ଚ୍ଚ ବୃଦ୍ଧି ହେଉଛି ଦର ବୃଦ୍ଧିର ସବୁଠୁ ବଡ଼ କାରଣ । ଇନ୍ଧନ ଦାମ୍ ବଢ଼ିବାରୁ ପରିବହନ, ପ୍ୟାକେଜିଂ, କଞ୍ଚାମାଲ ଏବଂ ଇନପୁଟ୍ ଖର୍ଚ୍ଚ ବଢ଼ିବ । ତେଣୁ ଏଭଳି ସ୍ଥିତିରେ ଦାମ୍ ବଢ଼ାଇବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ ।



ଏହାର ପ୍ରଭାବ ବି ଏଭଳି ହେବ ଯେ, ଷ୍ଟାଫ୍‌ଙ୍କ ରହିବା ଖର୍ଚ୍ଚ ବି ବୃଦ୍ଧି ପାଇବ । ସେହିପରି ଅମୁଲ ଏବଂ ମଦର ଡାଏରୀ କ୍ଷୀର ଦାମ୍ ଲିଟର ପିଛା ୨ ଟଙ୍କା ବୃଦ୍ଧି କରି କଞ୍ଚାମାଲ ଖର୍ଚ୍ଚକୁ ଅଧିକ ବଢ଼ାଇ ଦେଇଛନ୍ତି ।

## ଆନ୍ତର୍ଜାତୀୟ ଭୂ-ରାଜନୈତିକ ପରିସ୍ଥିତି ଦାୟୀ

ସେହିପରି ଆନ୍ତର୍ଜାତୀୟ ଭୂ-ରାଜନୈତିକ ପରିସ୍ଥିତି ସିଧାସଳଖ ଲୋକଙ୍କ ଥାଳିକୁ ପ୍ରଭାବିତ କରୁଛି । ମଧ୍ୟପ୍ରାଚ୍ୟରେ ୭୫ ଦିନରୁ ଅଧିକ ସମୟ ଧରି ଚାଲିଥିବା ସଂଘର୍ଷ ଯୋଗୁଁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୭୦ ଡଲାରରୁ ୧୦୦ ଡଲାର ଅତିକ୍ରମ କରିଛି । ଇରାନ ଉପରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଆକ୍ରମଣ ପରେ ତେହେରାନ ଏକ ପ୍ରମୁଖ ବିଶ୍ୱ ତୈଳ ପଥ ହର୍ମୁଜ୍ ପ୍ରଣାଳୀ ଉପରେ ନିଜର କବଜାକୁ କଡ଼ାକଡ଼ି କରିଛି । ଏହା ଦ୍ୱାରା ଶକ୍ତି ଯୋଗାଣ ବାଧା ପ୍ରାପ୍ତ ହୋଇଛି ଏବଂ ବିଶ୍ୱବ୍ୟାପୀ ଇନ୍ଧନ ମୂଲ୍ୟର ବୃଦ୍ଧି ଘଟିଛି ।

## ଡେଲିଭରି ଫି' ଅଧିକ

ଲଜିଷ୍ଟିକ୍ ଖର୍ଚ୍ଚ ବୃଦ୍ଧି ପାଇବାର ବଡ଼ କାରଣ ହେଉଛି ଗ୍ରାହକଙ୍କୁ ଅଧିକ ଡେଲିଭରି ଫି' ଦେବାକୁ ପଡ଼ିବ । ଏହାବାଦ୍



ଆପ୍‌ରେ ଯେଉଁ ଆକର୍ଷଣୀୟ ରିହାତି ମିଳୁଥିଲା, ସେସବୁ ବି କମ୍ ହେବ । ଏହାସହ ନ୍ୟୂନତମ ଅର୍ଡର ମୂଲ୍ୟ ମଧ୍ୟ ବଢ଼ିପାରେ । କେବଳ ସେତିକି ନୁହେଁ, ଅନଲାଇନ୍ ଫୁଡ୍ ଡେଲିଭରି କମ୍ପାନି ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିବ । ଜୋମାଟୋ ତଥା ସ୍ୱିଗି ଭଳି ପ୍ଲାଟଫର୍ମ ନିଜ କମିଶନ ତଥା ଚ୍ୟାନେଲ ପାର୍ଟନର ଫି'କୁ ବୃଦ୍ଧି କରିପାରନ୍ତି । ଏହାଦ୍ୱାରା ରେସ୍ତୋରାଁର ମାର୍ଜିନ ଆହୁରି କମିପାରେ । ଯଦ୍ୱାରା ଘରେ ବସି ଅନଲାଇନ୍ ଖାଦ୍ୟ ଅର୍ଡର କରିବା ମହଙ୍ଗା ହୋଇଯିବ ।

## ଗ୍ରାହକ ଓ ବ୍ୟବସାୟୀଙ୍କ ପାଇଁ ଆହ୍ୱାନପୂର୍ଣ୍ଣ ସ୍ଥିତି

ଉଦ୍ୟୋଗ ବିଶେଷଜ୍ଞଙ୍କ କହିବା କଥା, ଯଦି ଇନ୍ଧନ ଏବଂ କଞ୍ଚାମାଲର ଦାମ୍ ଏଭଳି ବଢ଼ି ଚାଲିବ କିଛି ମାସରେ ହିଁ ଖାଦ୍ୟପାନୀୟ ଜିନିଷ ମହଙ୍ଗା ହୋଇଯିବ । ଅବଶ୍ୟ କିଛି ରେସ୍ତୋରାଁ ଖର୍ଚ୍ଚ କମ୍ କରିବା ଏବଂ ଉତ୍ତମ ମ୍ୟାନେଜମେଣ୍ଟ ମାଧ୍ୟମରେ ଦାମ୍‌କୁ ସ୍ଥିର ରଖିବା ଦିଗରେ ପ୍ରଚେଷ୍ଟା କରୁଛନ୍ତି । ଅନ୍ୟପଟେ ସାମଗ୍ରିକ ଭାବେ ଦେଖିବାକୁ ଗଲେ, ଏହି ସ୍ଥିତି ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅତ୍ୟନ୍ତ ଆହ୍ୱାନପୂର୍ଣ୍ଣ ।

### "ପ୍ରଭାବିତ ହେବେ ସାଧାରଣ ଜନତା"

ଦରବୃଦ୍ଧିର ସିଧା ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିବ । ପୂର୍ବରୁ ହିଁ ଖାଦ୍ୟପଦାର୍ଥର ଦାମ୍ ବଢୁଛି । ଏବେ ଇନ୍ଧନ ବୃଦ୍ଧିରୁ ପନିପରିବା, ଫଳ ଏବଂ ନିତିଦିନର ଜିନିଷ ମହଙ୍ଗା ହୋଇଯିବ । ଏହା ଦ୍ୱାରା କର୍ମଜୀବୀ, ଛାତ୍ରଛାତ୍ରୀଙ୍କ ବାହାରେ ଯେଉଁ ଖାଇବା ଅଭ୍ୟାସ ଥିଲା ତାହା ଉପରେ ପ୍ରଭାବ ପଡ଼ିବ । କେବଳ ସେତିକି ନୁହେଁ, ଛୁଟିଦିନରେ ବୁଲାବୁଲି କରିବା ବି ଏକପ୍ରକାର ମହଙ୍ଗା ହେବ । ■

**ରୋଜାଲିନ ମହାନ୍ତି**
ଶିକ୍ଷୟିତ୍ରୀ

### "ବ୍ୟବସାୟ ମାନ୍ଦା ହେବ"

ଏଲ୍‌ପିଜି ସଙ୍କଟ ଯୋଗୁଁ ରେସ୍ତୋରାଁ ତଥା ଜଳଖିଆ ଦୋକାନକୁ କିଛି ଦିନ ପାଇଁ ବନ୍ଦ କରିବାକୁ ପଡ଼ିଥିଲା । ଏବେ ପୁଣି ପେଟ୍ରୋଲ, ଡିଜେଲ ଦର ବୃଦ୍ଧି ଯୋଗୁଁ ବାଧ ହୋଇ ମିଲ୍‌ର ଦାମ୍ ବଢ଼ାଇବାକୁ ପଡ଼ିବ । କାରଣ କଞ୍ଚାମାଲା ଦର ତ ବଢ଼ିବ । ପୂର୍ବରୁ ଗ୍ୟାସ୍ ପାଇଁ ଯାହା ଦାମ୍ ବଢ଼ାଉଥିଲୁ ଗ୍ରାହକ ଅସନ୍ତୋଷ ପ୍ରକାଶ କରୁଥିଲେ । ଏବେ ପୁଣି ଯଦି ଏମିତି ହେବ, ବ୍ୟବସାୟ ମାନ୍ଦା ହେବ । ଲୋକଙ୍କ ପକେଟ୍‌କୁ ବାଧିଲେ କାହିଁ କିଏ ରେସ୍ତୋରାଁରେ ବସି ଖାଇବାକୁ ଇଚ୍ଛା କରିବେ? ■

**ପ୍ରକାଶ ବେହେରା**
ହୋଟେଲ ବ୍ୟବସାୟୀ




ପୂର୍ବରୁ ଲୋକେ କାଠ, କୋଇଲା, ଗୋବରଘଷି ଭଳି ପାରମ୍ପରିକ ଜାଳେଣିକୁ ବ୍ୟବହାର କରି ରୋଷେଇ କରୁଥିଲେ । ତେବେ ଘରୋଇ ଗ୍ୟାସ୍ ବା ଏଲ୍‌ପିଜି ଆସିବା ପରେ ରୋଷେଇରେ କ୍ରାନ୍ତିକାରୀ ପରିବର୍ତ୍ତନ ହୋଇଥିଲା । ଭାରତ ବିଶ୍ୱର ସବୁଠୁ ବଡ଼ ଏଲ୍‌ପିଜି ଉପଭୋକ୍ତା ମଧ୍ୟରୁ ଅନ୍ୟତମ । ହେଲେ ଆନ୍ତର୍ଜାତୀୟସ୍ତରରେ ଅଶୋଧିତ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି, ମଧ୍ୟପ୍ରାଚ୍ୟରେ ସଂଘର୍ଷ ଆଦି ଗ୍ୟାସ୍ ଯୋଗାଣ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଛି । ଫଳରେ ଭାରତରେ ଏଲ୍‌ପିଜି ସଙ୍କଟ ଦେଖାଯାଇଛି । ତେବେ ଏଲ୍‌ପିଜି ସଙ୍କଟ କାରଣ ଏବଂ ଏହାର ପ୍ରଭାବକୁ ନେଇ ପ୍ରସ୍ତୁତ ଏହି ଉପସ୍ଥାପନା ।



## ପ୍ରଭାବିତ ଭାରତ

ବିଶେଷ କରି ୨୦୨୬ ମସିହା ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ଭାରତରେ ଏଲ୍‌ପିଜି ସଙ୍କଟ ଦେଖାଯାଇଥିଲା । ଇରାନ୍ ଉପରେ ଇସ୍ରାଏଲ୍ ଏବଂ ଆମେରିକା ସୈନ୍ୟ ଆକ୍ରମଣ ପରେ ତେହେରାନ୍ ବାଣିଜ୍ୟିକ ଜାହାଜଗୁଡ଼ିକକୁ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରି ଦେଇଥିଲା । ଏହାଦ୍ୱାରା ଗ୍ୟାସ୍ ସଙ୍କଟ ଦେଖାଯାଇଥିଲା । କାରଣ ଭାରତ ଅଧିକାଂଶ ଇନ୍ଧନ ଗ୍ୟାସ୍ ମଧ୍ୟପ୍ରାଚ୍ୟରୁ ଆମଦାନି କରିଥାଏ । କିନ୍ତୁ ବିବାଦ ଯୋଗୁଁ ଏହି ଟ୍ୟାଙ୍କର୍ ଚଳାଚଳ ପ୍ରଭାବିତ ହୋଇଛି । ଫଳରେ ଏଲ୍‌ପିଜି ସଙ୍କଟ ଦେଖାଯାଇଛି ।

## ଏଲ୍‌ପିଜି ସଙ୍କଟର କାରଣ

ଇରାନ୍, ଇସ୍ରାଏଲ୍ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ଯୋଗୁଁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ସ୍ଥିତି ଜାରି ରହିଛି । ଏହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି । ଖାଇବା ତେଲ, ପେଟ୍ରୋଲ, ଡିଜେଲ ପରେ ଏଲ୍‌ପିଜି ସଙ୍କଟ ଦେଖାଯାଇଛି । ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧ ଏବଂ ହର୍ମୁଜ ପ୍ରଣାଳୀ ଅବରୋଧ ଯୋଗୁଁ ଭାରତରେ ଏଲ୍‌ପିଜି ଯୋଗାଣ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଛି । ଫଳରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏହି ସଙ୍କଟ ଦେଖାଯାଇଛି ।

## ଯୋଗାଣ ହ୍ରାସ, ମୂଲ୍ୟବୃଦ୍ଧି

ଅଧିକାଂଶ ଭାରତୀୟ ପରିବାରଙ୍କୁ ଏହି ସଙ୍କଟ ଦ୍ୱିଗୁଣା ଝଟ୍‌କା ଦେଇଛି । ଏଲ୍‌ପିଜିର ମୂଲ୍ୟ ବୃଦ୍ଧି ସହ ଏହାର ଯୋଗାଣ ହ୍ରାସ ପାଇଛି । ସହରାଞ୍ଚଳରେ, ଆଡଭାନ୍ସ ବୁକିଂରେ ହଠାତ୍ ବୃଦ୍ଧି ଏବଂ ଯୋଗାଣରେ ଗୁରୁତର ଅଭାବ ସ୍ଥାନୀୟ ବଣ୍ଟନ ନେଟୱାର୍କ ଉପରେ ଚାପ ବୃଦ୍ଧି କରିଥିଲା । ଅନେକ ସହର ବାସିନ୍ଦାଙ୍କୁ ସାଧାରଣ ଅପେକ୍ଷା ଅଧିକ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା । ସ୍ଥିର ବିଦ୍ୟୁତ୍ ଯୋଗାଣ ଥିବା ଅଞ୍ଚଳରେ, କିଛି ପରିବାର ଅସ୍ଥାୟୀ ପଦକ୍ଷେପ ଭାବରେ ଇଣ୍ଡକ୍ସନ୍‌ରେ ରୋଷେଇ କରିଥିଲେ । ଗ୍ରାମାଞ୍ଚଳରେ, ଯେଉଁଠାରେ ବିଦ୍ୟୁତ୍ ସଂଯୋଗ ସୀମିତ, କିଛି ପରିବାର ଅସ୍ଥାୟୀ ଭାବରେ କାଠ ଏବଂ ବାୟୋମାସ ଇନ୍ଧନ ବ୍ୟବହାର କରିବାକୁ ଆରମ୍ଭ କରିଥିଲେ ।

## ଭାରତରେ ଏଲ୍‌ପିଜି ଚାହିଦାର ମୁଖ୍ୟ କାରଣ

ଉଜ୍ଜ୍ୱଳା ଯୋଜନାରେ ଗରିବ ପରିବାରକୁ ମାଗଣା ରନ୍ଧନ ଗ୍ୟାସ୍ ସଂଯୋଗ ପ୍ରଦାନ କରାଯିବା ପରଠାରୁ, ଭାରତରେ ଘରୋଇ ଗ୍ୟାସ୍‌ର ବ୍ୟବହାର ଅଧିକ ପରିମାଣରେ ବୃଦ୍ଧି ପାଇଛି । ଗତ ୧୦ ବର୍ଷ ମଧ୍ୟରେ ରନ୍ଧନ ଗ୍ୟାସ୍ ଗ୍ରାହକଙ୍କ ସଂଖ୍ୟା ୩୨ କୋଟିରୁ ଊର୍ଦ୍ଧ୍ୱ ରହିଛି । ଭାରତରେ ପ୍ରତି ଘରେ ଏଲ୍‌ପିଜି ବ୍ୟବହାର ହେଉଛି । ସେହିପରି ଗାଁରେ ମଧ୍ୟ ମାଟି ଚୁଲି ପରିବର୍ତ୍ତେ ରୋଷେଇ ପାଇଁ ଗ୍ୟାସ୍ ବ୍ୟବହାର କରାଯାଉଛି । କେବଳ ଘରୋଇ ଏଲ୍‌ପିଜି ସିଲିଣ୍ଡର ନୁହେଁ, ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ମଧ୍ୟ ମୂଲ୍ୟ ବୃଦ୍ଧି ହୋଇଛି । ଫଳରେ ହୋଟେଲ, ରେସ୍ତୋରାଁ, ଫାଷ୍ଟ ଫୁଡ୍ ଦୋକାନୀମାନେ ଖାଦ୍ୟ ପଦାର୍ଥ ଅଧିକ ଦାମରେ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି । ■



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର

## ବାଜି ପଲଟାଇ ଦେଲେ ଅରୁଣ



ଏକଦା ଶଙ୍ଖଦଳ ସମର୍ଥିତ ନୟାଗଡ଼ ବ୍ଲକ୍ ଅଧ୍ୟକ୍ଷ ବାବୁ କିଶୋର ଚନ୍ଦ୍ରଙ୍କୁ ନେଇ ବଡ଼ ସ୍ୱପ୍ନ ଦେଖିଥିଲେ ରାଣୀ ରାଜେଶ୍ୱରୀ । ଶଙ୍ଖୁଆ ଅରୁଣଙ୍କୁ ଝଟ୍‌କା ଦେବାକୁ ନୟାଗଡ଼ ଶଙ୍ଖଦଳରେ ଫାଟ କରି ପଞ୍ଚେ ସରପଞ୍ଚ ଓ ସମିତିସଭ୍ୟଙ୍କୁ ପଦ୍ମ ପୋଖରୀରେ ଡୁବନ୍ ଦେବାକୁ ହୋଇଥିଲା ଭିତିରିଆ ଯୋଜନା । ୨୦ ସରିକି ଚାରିଚକିଆ, ୧୦ଟା ଲମ୍ବା ଏସି ବସ୍ ବି ବରାଦ ହୋଇଥିଲା । ମାତ୍ର ଶେଷରେ ସବୁ ଫସର ଫାଟିଗଲା; ରାଜନୀତିର ସାତତାଳ ପଙ୍କ ତଳେ ଲାଙ୍ଗି ପିଟି ପାଣିକୁ ଦି' ଭାଗ କରିବାର ସାମର୍ଥ୍ୟ ରଖିଥିବା ବାବୁ ଅରୁଣ ଏମିତି ଗୋଟି ଚଳାଇଲେ ଯେ ଶେଷରେ ରାମମନ୍ଦିର ଆଖଡ଼ାରେ କେବଳ କିଶୋରଙ୍କ ବ୍ୟତୀତ ଆଉ କାହାରି ଦେଖା ମିଳିଲା ନାହିଁ । ରାଜ୍ୟ ସଭାପତି ଓ ରାଣୀ ରାଜେଶ୍ୱରୀଙ୍କ ଉପସ୍ଥିତିରେ କିଶୋର ଏକାଏକା ଗେରୁଆ ଟୋପି ପିନ୍ଧିବାର ଦୃଶ୍ୟ ଗଣମାଧ୍ୟମରେ ଦିଶିଲା । ମାତ୍ର ଏହି ଘଟଣା ପରେ ରାଣୀ ଯେତିକି ଦୁଃଖୀ, କିଶୋର କୁଆଡ଼େ ତହିଁରୁ ଅଧିକ ଦୁଃଖରେ ଥିବା ଶୁଣିବାକୁ ମିଳୁଛି । ମିଶନ ଲୋଟସ୍‌ର ଶିକାର ବାବୁ କିଶୋର ଚନ୍ଦ୍ର ଯେଉଁ ଆଶା ନେଇ ଗେରୁଆ ଟୋପି ପିନ୍ଧିଥିଲେ, ସେହି ଆଶା କୁଆଡ଼େ ଏବେ ମଉଳିବା ଆରମ୍ଭ କରିଛି ବୋଲି ତାଙ୍କର କିଛି ଘନିଷ୍ଠ ନିଜ ମଧ୍ୟରେ ଆଲୋଚନା କରୁଥିବା ବି ଶୁଣିବାକୁ ମିଳୁଛି । ଏବେ କିଶୋରଙ୍କ ପକ୍ଷ ଛେଦନ ପାଇଁ ଅରୁଣ ଖାଲି ନକ୍ସା ପ୍ରସ୍ତୁତ କରିନାହାନ୍ତି, ତାଙ୍କୁ ପଦରୁ ହଟାଇବାକୁ ବି ରଣନୀତି ପ୍ରସ୍ତୁତ କରିଛନ୍ତି । ୫୮ ସରପଞ୍ଚ ଓ ସମିତି ସଭ୍ୟଙ୍କ ମଧ୍ୟରୁ ୪୮ ଜଣ କୁଆଡ଼େ କିଶୋରଙ୍କ ବିରୋଧରେ.... । ■

## ସିଂହ ବାବୁଙ୍କ ନୂଆ ଉଦାହରଣ



ରାଜଧାନିଆ ପଦ୍ମ ନେତା ସିଂହ ବାବୁ ଟିକିଏ ଭିନ୍ନ ଧରଣର ବୋଲି ଅନେକ କହନ୍ତି । ପଦ୍ମ ଦଳରେ ଥିଲେ ବି ତାଙ୍କର ଆଚାର ବ୍ୟବହାର, ପୋଷାକପତ୍ର, କାର୍ଯ୍ୟକଳାପ କୁଆଡ଼େ ପଦୁଅଁ ଦଳର ପୁରୁଣା ନେତାଙ୍କଠାରୁ ଅଲଗା । ଖଣ୍ଡଗିରି ମେଳାରେ ନୃତ୍ୟକୁ ନେଇ ତାଙ୍କ ଠେଙ୍ଗା ବାହିନୀ, ମେଟ୍ରୋ ପ୍ରସଙ୍ଗକୁ ନେଇ ନକରାତ୍ମକ ଟିପ୍ପଣୀ ଯଦିଓ ତାଙ୍କୁ ଟିକେ ବିବାଦୀୟ କରିଥିଲା; ତଥାପି ତାଙ୍କୁ ଅନେକ ଲୋକ ଭଲ ପାଆନ୍ତି ବୋଲି ଶୁଣିବାକୁ ମିଳେ । ତେବେ ସିଂହ ବାବୁ ଏବେ ଯେଉଁ ନୂଆ ପରମ୍ପରାଟି ଆରମ୍ଭ କରିଛନ୍ତି, ତାହା ତାଙ୍କ ପ୍ରତି ଲୋକଙ୍କ ସମ୍ମାନ କୁଆଡ଼େ ଆହୁରି ବଢ଼ାଇ ଦେଇଛି । ନିଜ ନାଁ ଫଳକରେ ଲେଖାଇବାକୁ ଅନେକ ନେତା ଭାରି ଆଗ୍ରହ ପ୍ରକାଶ କରନ୍ତି । ଏପରିକି ନିଜ ନାମ ଫଳକରେ ନ ଥିବା ଯୋଗୁଁ କେଇମାସ ତଳେ ବରଗଡ଼ ସାଂସଦ ରାଗିଥିବା ଓ ମଞ୍ଚରେ ନାମ ଡ଼କା ନ ଯିବା ଯୋଗୁଁ ପଦ୍ମ ଦଳର ଭିନ୍ନଭିନ୍ନ ବୟସ ବର୍ଗର ଦୁଇ ପଶ୍ଚିମ ଓଡ଼ିଶା ନେତା ରୁଷିଥିବା ଗଣମାଧ୍ୟମରେ ପଢ଼ିଥିଲୁ । ଏହି ସମୟରେ ବିଧାୟକ ଭାବରେ ବିଭିନ୍ନ ଶିଳାନ୍ୟାସ, ଉଦ୍‌ଘାଟନ ଆଦି ଫଳକରେ ବାବୁ ତାଙ୍କ ନାମ ଲେଖିବାକୁ ନିଜ ସହଯୋଗୀ ଓ ସରକାରୀ ଅଧିକାରୀଙ୍କୁ ମନା କରିଛନ୍ତି । ତାଙ୍କ ନାମ ସ୍ଥାନରେ କେବଳ ବିଧାୟକ ଏକାମ୍ର ଲେଖିବାକୁ ବାବୁ ଫରମାନ ଜାରି କରିଛନ୍ତି । ବାବୁଙ୍କ ଏପରି ପଦକ୍ଷେପକୁ ଅନେକ ଲୋକ ପ୍ରଶଂସା କରିଛନ୍ତି, ଧନ୍ୟବାଦ ବି ଦେଇଛନ୍ତି । ଅନ୍ୟ ନେତାମାନେ ମଧ୍ୟ ବାବୁଙ୍କଠାରୁ ଏହି ଭଲଗୁଣଟି ଶିଖିବା ଦରକାର ବୋଲି କହୁଛନ୍ତି ... । ■

## ଲେମ୍ବୁ ଅତି ଚିପୁଡ଼ିଲେ ପିତା



ବଳି ପାଇଁ ଅତି ଦାନ, ରାବଣ ପାଇଁ ଅତି ଅହଂକାର, କୌରବଙ୍କ ପାଇଁ ଅତି ଅଭିମାନ ଘାତକ ହୋଇଥିଲା । ସେଥିପାଇଁ ଲେମ୍ବୁ ଅତି ଚିପୁଡ଼ିଲେ ପିତା କଥାଟି ଆମ ଓଡ଼ିଆରେ ବହୁଳ ପ୍ରଚଳିତ । କେବଳ ଲେମ୍ବୁ ଚିପୁଡ଼ା ନୁହେଁ; ନିଜର ସରହଦ ଟପିଥିବା ସବୁ ପ୍ରସଙ୍ଗ ସବୁବେଳେ କ୍ଷତିକାରକ । ଢ଼େର ଦିନ ଅଭିନୟ ଓ କିଛି ଦିନ ହେଲା ରାଜନୀତି କରୁଥିବା ଓଡ଼ିଆ ସିନେମାର ହିରୋ ମାର୍କା ଅଭିନେତା ଅରିନ୍ଦମ ରାୟ ସମ୍ଭବତଃ ଏ କଥା ବୁଝି ପାରିନାହାନ୍ତି । ଟାଙ୍ଗି-ଚୌଦ୍ୱାର ବ୍ଲକ୍‌ରେ ଅଭୟଙ୍କ ସହ ମିଶି ବାବୁ ଅରିନ୍ଦମ ଯେଉଁ ଯାତ୍ରା କଲେ ତାହା ପୂରା ଫ୍ଲପ୍ ହୋଇଗଲା ବୋଲି ଅନେକ କହୁଛନ୍ତି । ଲୋକଙ୍କ ସ୍ୱାର୍ଥ ଅପେକ୍ଷା, ନିଜ ପତିଆରା ବୃଦ୍ଧି ପାଇଁ ନାଟକଟିରେ ଆଦୌ ଦମ୍ ନ ଥିଲା; ଆଉ ଡ଼ାଇଲଗ୍‌ଗୁଡ଼ିକ ପୁରା ଥାର୍ଡ଼କ୍ଲାସ୍ ଯାତ୍ରାପାର୍ଟିର ଭିଲେନ୍ ପରି ଅତିଶୟୋକ୍ତିରେ ଭରପୁର ଥିବା ଭାଇରାଲ ଭିଡ଼ିଓରେ ଜଳଜଳ ଦିଶୁଛି । ଜଣେ ଲୋକକୁ ଏକ ବୈଠକକୁ ଡ଼କା ନ ଯିବା ପ୍ରସଙ୍ଗକୁ ନେଇ ଅଭୟ-ଅରିନ୍ଦମ ଯେଉଁ ଘଟଣାଟି ଘଟାଇଲେ; ତାହାକୁ କେହି ଗ୍ରହଣ କରିପାରୁ ନାହାନ୍ତି । ତା ସାଙ୍ଗକୁ ପୁଣି ସାମ୍ବାଦିକମାନଙ୍କ ପ୍ରତି 'ଆଠଣି', 'ଚାରଣି' କଟାକ୍ଷ ଅରିନ୍ଦମଙ୍କ ପାଇଁ ମହଙ୍ଗା ପଡ଼ିଛି । ନିକଟରେ ମୁଖ୍ୟମନ୍ତ୍ରୀ ହୋଇଥିବା କୋଲିଉଡ୍‌ର ଅନ୍ୟତମ ସଫଳ ଅଭିନେତା ଥାଲାପତି ବିଜୟ ଓ ଟଲିଉଡ ଅଭିନେତା ତଥା ତଥା ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣ କାହିଁକି ଲୋକପ୍ରିୟ; କାହିଁକି ଲୋକମାନେ ସେମାନଙ୍କୁ ଆଦର କରୁଛନ୍ତି, ତାହାକୁ ଅରିନ୍ଦମ ବାବୁ ଟିକେ ହେଜନ୍ତୁ । ■

## ହଜିଗଲା ଆସ୍କାର କଇଁଫୁଲିଆ



ଅନେକ ବର୍ଷ ତଳେ ଫତୁରାନନ୍ଦ ନୈତିକତାର ତରାଜୁରେ ତତ୍‌କାଳୀନ ସମାଜର ନେତାମାନଙ୍କୁ ତଉଲି ଲେଖିଥିଲେ ଏକ ଦୀର୍ଘ ପ୍ରବନ୍ଧ । କତିପୟ ରାଜନେତାମାନଙ୍କୁ ଏଥିରେ ରାଜନୈତିକ ସୁବିଧାବାଦର ନିର୍ଲଜତମ ବର୍ଗରେ ବର୍ଗୀକୃତ କରିଥିଲେ । ମାତ୍ର ବର୍ତ୍ତମାନର ସମୟରେ ବି ଫତୁରାନନ୍ଦଙ୍କ ସେହି ପ୍ରବନ୍ଧଟି ବେଶ୍ ପ୍ରାସଙ୍ଗିକ ମନେ ହୁଏ । ଚନ୍ଦକା ଜଙ୍ଗଲରେ ଯେତେ ପ୍ରକାର ଗଛ ନ ଥିବ, ତା'ଠାରୁ ଯଥେଷ୍ଟ ଅଧିକ ପ୍ରକାରର ନେତା ଏବେ ଭୋଟ ବଜାରରେ ଉପଲବ୍ଧ । ସାମ୍ପ୍ରତିକ ସମୟରେ ଲୋକସେବକ ପ୍ରଚାର ବିମୁଖ ନେତାଙ୍କ ଅପେକ୍ଷା ପ୍ରଚାର ସର୍ବସ୍ୱ ନେତାଙ୍କ ନେତା ଯଥେଷ୍ଟ ଅଧିକ ଥିବା ଦେଖାଯାଉଛି । ମାତ୍ର ବୁମ୍‌ଧାରୀଙ୍କ ପାଇଁ ସବୁଠାରୁ ସହଜଲଭ୍ୟ ଶାସକ ଦଳର ପଦ୍ମ ନେତା ଆସ୍କା ଅଞ୍ଚଳର ପାଢ଼ୀବାବୁ ଯେ ଇତିମଧ୍ୟରେ ତାଙ୍କ ଦଳର ବଡ଼ବଡ଼ ନେତାଙ୍କୁ ଅତିକ୍ରମ କରିଥିବେ ସେ କଥା କେହି କଳ୍ପନା କରି ନଥିବେ । ଶୁଣିବା କଥା ହେଲା ଆସ୍କା ଅଞ୍ଚଳରେ ଗୋଟେ ଛକ ଅଛି, ଯାହାର ନାଁ ହେଲା କଇଁଫୁଲିଆ । ଏହି ଛକ ଦେଇ ହଜାର ହଜାର ହଜାର ଗାଡ଼ିମୋଟର ଯାତାୟତ କରିଥାଏ । ମାତ୍ର କିଛି ସରୋଜ ଅନୁଗତ ଯୁବଗୋଷ୍ଠୀ ଏହି ସଡ଼କର ନାମ ପରିବର୍ତ୍ତନ କରି ସରୋଜଙ୍କ ନାମରେ ନାମିତ କରିଥିବା ଶୁଣିବାକୁ ମିଳୁଛି । ପୂର୍ବରୁ ଅନ୍ୟରାଜ୍ୟରେ ଆରମ୍ଭ ହୋଇଥିବା ଏପରି ନାମ ପରିବର୍ତ୍ତନ ଯୋଜନାକୁ ଅନୁସରଣ କରି ସରୋଜବାବୁ ଯେଉଁ ପରମ୍ପରାଟି ଆରମ୍ଭ କରିଛନ୍ତି; ତାହାକୁ କୁଆଡ଼େ ତାଙ୍କୁ ଓ ତାଙ୍କ ଦଳର ଅନେକ ନେତାଙ୍କୁ ହଜମ ହୋଇନାହିଁ । ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।

# କୃଷି କ୍ଷେତ୍ରରେ ଦରବୃଦ୍ଧିର ପ୍ରଭାବ



ଡକ୍ଟର ପ୍ରଦୀପ୍ତ କୁମାର ସାହୁ

**ଭାରତର ପ୍ରାୟ ଅର୍ଦ୍ଧାଧିକ ଲୋକଙ୍କ ଜୀବିକା କୃଷି ଉପରେ ନିର୍ଭରଶୀଳ । ଓଡ଼ିଶା ସହିତ ଆମ ଦେଶର ଅନେକ ରାଜ୍ୟରେ କୃଷକମାନେ ଧାନ, ଗହମ, ଡାଲି, ତୈଳବୀଜ ଇତ୍ୟାଦି ଚାଷ କରି ଜୀବିକା ନିର୍ବାହ କରୁଛନ୍ତି । ବର୍ତ୍ତମାନ ସମୟରେ ଦରବୃଦ୍ଧି କୃଷି କ୍ଷେତ୍ରକୁ ଗଭୀର ଭାବେ ପ୍ରଭାବିତ କରୁଛି । ଡିଜେଲ, ସାର, କୀଟନାଶକ ଓ କୃଷି ଯନ୍ତ୍ରପାତିର ମୂଲ୍ୟ ବଢ଼ିବାରୁ କୃଷକମାନଙ୍କ ଉତ୍ପାଦନ ଖର୍ଚ୍ଚ ବହୁଗୁଣା ବୃଦ୍ଧି ପାଇଛି । ଏଥିସହ ଚାଷ ଉତ୍ପାଦର ନ୍ୟାୟ ସଂଗତ ମୂଲ୍ୟ ନମିଳିବାରୁ କୃଷକମାନେ ଅର୍ଥନୈତିକ ସମସ୍ୟାରେ ପଡୁଛନ୍ତି ।**





### କୃଷି ଯନ୍ତ୍ରପାତି ଦର ବୃଦ୍ଧି

ଦରବୃଦ୍ଧିର ପ୍ରଥମ ପ୍ରଭାବ କୃଷି ଉତ୍ପାଦନ ଖର୍ଚ୍ଚ ଉପରେ ପଡ଼େ । ଆଧୁନିକ କୃଷିରେ ଟ୍ରାକ୍ଟର, ପାୱାର ଟିଲର୍, ପମ୍ପସେଟ୍, ଥ୍ରେସର୍ ଭଳି ଯନ୍ତ୍ରପାତିର ବ୍ୟବହାର ବଢୁଛି । ଏହି ସମସ୍ତ ଉପକରଣଗୁଡ଼ିକ ଡିଜେଲ୍ କିମ୍ବା ବିଦ୍ୟୁତ୍ ଉପରେ ନିର୍ଭର କରେ । ଡିଜେଲ୍ ମୂଲ୍ୟ ବୃଦ୍ଧି ହେଲେ ଜମି ଚାଷ, ଜଳସେଚନ ଓ ଫସଲ କଟା ଖର୍ଚ୍ଚ ବଢ଼ିଯାଏ । ଏହା ଫଳରେ କୃଷକର ଲାଭ କମିଯାଏ । ନାମମାତ୍ର ଚାଷୀମାନଙ୍କ ଉପରେ ଏହାର ଅଧିକ ପ୍ରଭାବ ପଡ଼ିଥାଏ । କାରଣ ସେମାନଙ୍କ ଆୟ ସୀମିତ ଥାଏ । ସାର ଏବଂ କୀଟନାଶକର ଦରବୃଦ୍ଧି ମଧ୍ୟ କୃଷିକୁ ବହୁତ ପ୍ରଭାବିତ କରୁଛି, ଯାହାଦ୍ୱାରା ଉତ୍ପାଦନ ଖର୍ଚ୍ଚ ମଧ୍ୟ ବଢ଼ିଯାଉଛି । ବର୍ତ୍ତମାନ କିନ୍ତୁ ରାସାୟନିକ ସାର ଏବଂ କୀଟନାଶକର ଦାମ ଅଧିକ ବଢ଼ିଯିବାରୁ ଅନେକ ଚାଷୀ ଏଗୁଡିକର ବ୍ୟବହାର କମ୍ କରିଦେଇଛନ୍ତି । ଏହାଫଳରେ ଫସଲ ଉତ୍ପାଦନ କମିଯାଉଛି ଓ ଗୁଣବତ୍ତା ହ୍ରାସ ପାଉଛି । ଉତ୍ପାଦନ କମିବା ଦ୍ୱାରା ଚାଷୀମାନଙ୍କ ଆୟ କମିଯାଉଛି । ତେଣୁ ଋଣ ପରିଶୋଧ କରିବା ଅନେକ କୃଷକଙ୍କ ପକ୍ଷରେ କଷ୍ଟକର ହୋଇପଡ଼ିଛି ।



### ଚାଷ ଖର୍ଚ୍ଚ ବୃଦ୍ଧି

ଦରବୃଦ୍ଧିର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଶ୍ରମ ମୂଲ୍ୟ ଉପରେ ମଧ୍ୟ ପଡ଼ିଛି । ଜୀବନଯାପନ ଖର୍ଚ୍ଚ ବଢ଼ିବା ସହିତ କୃଷି ଶ୍ରମିକମାନେ ମଧ୍ୟ ଅଧିକ ଦିନ ମଜୁରି ଦାବି କରନ୍ତି । ଏହାଫଳରେ କୃଷକମାନଙ୍କ ଚାଷ ଖର୍ଚ୍ଚ ବଢ଼ିଯାଇଛି । ବିଶେଷକରି ଧାନ ରୋପଣ ଏବଂ କଟା ସମୟରେ ଶ୍ରମିକ ମଜୁରି ବୃଦ୍ଧି କୃଷକମାନଙ୍କର ଚିନ୍ତାର କାରଣ ହୋଇଛି । ଏହି କାରଣରୁ ଚାଷୀମାନେ କୃଷି ଯାନ୍ତ୍ରିକରଣ ଦିଗରେ ଆଗ୍ରହୀ ହେଉଛନ୍ତି ।

ବଜାରରେ କୃଷି ଉତ୍ପାଦର ମୂଲ୍ୟ ଅସ୍ଥିରତା ମଧ୍ୟ ଦରବୃଦ୍ଧି ସହ ଜଡ଼ିତ । କେବେ କେବେ କୃଷକମାନେ ଉତ୍ପାଦନ ସମୟରେ ଉଚ୍ଚ ମୂଲ୍ୟରେ ସାମଗ୍ରୀ କିଣିଥାନ୍ତି, କିନ୍ତୁ ଫସଲ ବିକ୍ରୟ ସମୟରେ ସଠିକ୍ ଦର ପାଉନାହାଁନ୍ତି । ମଧ୍ୟସ୍ଥି ବ୍ୟବସାୟୀମାନେ ଅଧିକ ଲାଭବାନ ହୁଅନ୍ତି ଓ କୃଷକ ନ୍ୟାୟ ସଂଗତ ମୂଲ୍ୟରୁ ବଞ୍ଚିତ ହୁଅନ୍ତି, ଯାହାଦ୍ୱାରା କୃଷକମାନେ ଅର୍ଥନୈତିକ ଦୁର୍ବଳତାରେ ରୁହନ୍ତି ।





### ଉତ୍ପାଦନ ହ୍ରାସ

ଦରବୃଦ୍ଧି ଖାଦ୍ୟ ସୁରକ୍ଷାକୁ ମଧ୍ୟ ପ୍ରଭାବିତ କରିଥାଏ । ଯଦି କୃଷି ଉତ୍ପାଦନ କମିଯାଏ କିମ୍ବା ତାଙ୍କ ଖର୍ଚ୍ଚ ଅଧିକ ବଢ଼ିଯାଏ, ତେବେ ଖାଦ୍ୟ ଦ୍ରବ୍ୟର ଦାମ ବଢ଼ିଯାଏ । ଗରିବ ଏବଂ ମଧ୍ୟବିତ୍ତ ପରିବାରର ଲୋକମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି । ଚାଉଳ, ଡାଲି, ତେଲ ଏବଂ ପନିପରିବାର ଦାମ ବଢ଼ିଲେ, ସାଧାରଣ ଲୋକଙ୍କ ଘରୋଇ ଖର୍ଚ୍ଚ ଅସନ୍ତୁଳିତ ହୋଇଯାଏ । ଏହା ସମାଜର ଅର୍ଥନୈତିକ ସମସ୍ୟାକୁ ଆହୁରି ଗଭୀର କରେ । ଓଡ଼ିଶାର କୃଷକମାନେ ପ୍ରାକୃତିକ ବିପର୍ଯ୍ୟୟ ସହିତ ଦରବୃଦ୍ଧିର ଦୁଇ ମୁହାଁ ଚାପ ଅନୁଭବ କରୁଛନ୍ତି ।

ବନ୍ୟା, ଖରା ଓ ଘୂର୍ଣ୍ଣିବାତ୍ୟା ଫସଲକୁ କ୍ଷତିଗ୍ରସ୍ତ କରେ । ଏହା ସହିତ ସାର, କୀଟନାଶକ ଓ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ କୃଷକମାନେ ଚାଷ ଛାଡ଼ି ଅନ୍ୟ କାମ ଖୋଜିବାକୁ ବାଧ ହେଉଛନ୍ତି । ଯୁବପିଢ଼ି ମଧ୍ୟ କୃଷିକୁ ଲାଭଜନକ ବ୍ୟବସାୟ ଭାବେ ଦେଖୁନାହାନ୍ତି । ତଥାପି ଦରବୃଦ୍ଧିର କିଛି ସକାରାତ୍ମକ ପ୍ରଭାବ ମଧ୍ୟ ରହିଛି । କେତେକ ସମୟରେ କୃଷି ଉତ୍ପାଦନର ବଜାର ଦର ବଢ଼ିଲେ କୃଷକମାନେ ଅଧିକ ଲାଭ ପାଆନ୍ତି । ବିଶେଷକରି ପନିପରିବା, ଫଳ ଓ ତୈଳବୀଜ ଫସଲର ଦାମ ବୃଦ୍ଧି ହେଲେ କୃଷକଙ୍କ ଆୟ ବୃଦ୍ଧି ହେଉଛି । ତେବେ ଏହା ସେତେବେଳେ ସମ୍ଭବ ଯେତେବେଳେ ଉତ୍ପାଦନ ଖର୍ଚ୍ଚ ନିୟନ୍ତ୍ରଣରେ ରହିବ ଓ କୃଷକ ନ୍ୟାୟ ସଂଗତ ବଜାର ପାଇବେ ।

ଦରବୃଦ୍ଧିର ପ୍ରଭାବ କମାଇବା ନିମନ୍ତେ ସରକାର ଓ ସମାଜକୁ ମିଶି ଉଦ୍ୟମ କରିବା ଆବଶ୍ୟକ । ସରକାର କୃଷକଙ୍କୁ ସବ୍‌ସିଡ଼ି ମାଧ୍ୟମରେ ସାର, ମଞ୍ଜି, କୀଟନାଶକ ଓ ଉନ୍ନତ ଯନ୍ତ୍ରପାତି ଯୋଗାଇବା ଉଚିତ ।

ନ୍ୟୂନତମ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କାର୍ଯ୍ୟକାରୀ ଭାବରେ ଲାଗୁ କରାଯିବା ଆବଶ୍ୟକ । କୃଷକମାନଙ୍କୁ ସଂରକ୍ଷଣ ଗୋଦାମ, ଶୀତଳ ଭଣ୍ଡାର ଓ ସିଧାସଳଖ ବଜାର ସୁବିଧା ଦିଆଯିବା ଦରକାର । ଜୈବିକ ଚାଷ ଓ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେଲେ ରାସାୟନିକ ସାର ଓ କୀଟନାଶକ ଉପରେ ନିର୍ଭରତା କମିପାରିବ ।

କୃଷି ଯାନ୍ତ୍ରିକରଣ ଓ ଆଧୁନିକ ପ୍ରଯୁକ୍ତିର ବ୍ୟବହାର ମଧ୍ୟ ଦରବୃଦ୍ଧିର ପ୍ରଭାବ କମାଇପାରେ । ଡ୍ରୋନ୍, କୃତ୍ରିମ ବୁଦ୍ଧିମତ୍ତା (AI), ସୌରଚାଳିତ କୃଷି ଯନ୍ତ୍ର ଓ ଆଧୁନିକ ସେଚନ ପ୍ରଣାଳୀ ବ୍ୟବହାର କଲେ ଉତ୍ପାଦନ ଖର୍ଚ୍ଚ କମିପାରିବ । କୃଷକମାନେ ଯଦି ସଠିକ୍ ପ୍ରଶିକ୍ଷଣ ଓ ଆର୍ଥିକ ସହାୟତା ପାଇବେ, ତେବେ ସେମାନେ ନୂତନ ପ୍ରଯୁକ୍ତି ସୁଯୋଗକୁ ପାଇ ପାରିବେ ।

ସମାପ୍ତିରେ କୁହାଯାଇପାରେ ଯେ, ଦରବୃଦ୍ଧି କୃଷି କ୍ଷେତ୍ର ପାଇଁ ବଡ଼ ସମସ୍ୟା । ଏହା କୃଷକଙ୍କ ଉତ୍ପାଦନ ଖର୍ଚ୍ଚ ବଢ଼ାଇ ଲାଭକୁ କମାଇ ଦେଉଛି । ଏହାର ପ୍ରଭାବ ଖାଦ୍ୟ ସୁରକ୍ଷା, ଗ୍ରାମୀଣ ଅର୍ଥନୀତି ଓ ସମାଜ ଉପରେ ପଡୁଛି । କିନ୍ତୁ ସଠିକ୍ ସରକାରୀ ନୀତି, ଆଧୁନିକ ପ୍ରଯୁକ୍ତି ଓ କୃଷକ ସହଯୋଗ ମାଧ୍ୟମରେ ଏହି ସମସ୍ୟାର ସମାଧାନ ସମ୍ଭବ । କୃଷିକୁ ଲାଭଜନକ ଓ ସୁସ୍ଥିର କରିବା ପାଇଁ ସମସ୍ତଙ୍କ ସହଯୋଗ ଏବଂ ପ୍ରୟାସ ଆବଶ୍ୟକ । ■



ପ୍ରଫେସର, ଓୟୁଏଟି, ଭୁବନେଶ୍ୱର

## କେମିତି କଟିବ ସପ୍ତାହ

**ମେଷ:** ରବି, ସୋମ, ମଙ୍ଗଳବାରରେ ଛୋଟ ଛୋଟ କଥାକୁ ନେଇ ଚିନ୍ତାରେ ପଡ଼ିଯାଇ ପାରନ୍ତି । ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ଶୁକ୍ର, ଶନିବାରରେ ସମସ୍ୟାରେ ପଡ଼ିଯାଇ ପାରନ୍ତି । ବ୍ୟବସାୟରେ କ୍ଷତି ହୋଇପାରେ ।

**ବୃଷ:** ରବି, ସୋମ, ମଙ୍ଗଳବାରରେ କର୍ମକ୍ଷେତ୍ରରେ ଚଳଚଞ୍ଚଳ ରହିବେ । ସମାଜରେ ମାନସମ୍ମାନର ଅଧିକାରୀ ହେବେ । ବୁଧ, ଗୁରୁବାରରେ ବ୍ୟବସାୟରେ ପ୍ରସାର ହୋଇପାରେ । ଶୁକ୍ର, ଶନିବାରରେ ବନ୍ଧୁବାନ୍ଧବଙ୍କ ସହଯୋଗ ପାଇବେ । ଦୂରଯାତ୍ରାର ଯୋଗ ରହିଛି ।

**ମିଥୁନ:** ରବି, ସୋମ, ମଙ୍ଗଳବାରରେ ନିଜ ସ୍ୱାଧୀନତାରେ ବାଧା ସୃଷ୍ଟି ହୋଇପାରେ । ଦୀର୍ଘଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ପରିବାରରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ । ଶୁକ୍ର, ଶନିବାରରେ ବ୍ୟବସାୟରେ ଲାଭବାନ ହେବେ । କଠିନ ପରିଶ୍ରମ କରି ସଫଳତା ପାଇବେ ।

**କର୍କଟ:** ରବି, ସୋମ, ମଙ୍ଗଳବାରରେ ନୂତନ ନିବେଶ ପୂର୍ବରୁ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନିଅନ୍ତୁ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପରିବାରଠାରୁ ସହଯୋଗ ନ ପାଇ ଦୁଃଖିତ ହେବେ । ଶୁକ୍ର, ଶନିବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ ।

**ସିଂହ:** ରବି, ସୋମ, ମଙ୍ଗଳବାରରେ ସଫଳତାର ରାସ୍ତା ପାଇବେ । ଅନେକ ଦିନର ଆଶା ପୂରଣ ହେବ । ବୁଧ, ଗୁରୁବାରରେ ଆର୍ଥିକସ୍ଥିତି ସ୍ୱଚ୍ଛଳ ରହିବ । ଶୁକ୍ର, ଶନିବାରରେ କୋର୍ଟକଚେରି ମାମଲାରେ ସଫଳତା ହାସଲ କରିବେ । ଦାମ୍ପତ୍ୟ ଜୀବନରେ ମଧୁରତା ବଢ଼ିବ ।

**କନ୍ୟା:** ରବିବାରରେ ସମାଜରେ ମାନସମ୍ମାନ ବୃଦ୍ଧି ପାଇବ । ସୋମ, ମଙ୍ଗଳ, ବୁଧବାରରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଅନୁଭବୀ ବ୍ୟକ୍ତିଙ୍କ ପରାମର୍ଶ ଲୋଡ଼ିବେ । ଗୁରୁ, ଶୁକ୍ର, ଶନିବାରରେ ବାଦବିବାଦରେ ପଡ଼ିଯାଇପାରନ୍ତି । ନିଜ ବୁଦ୍ଧି ଅନୁସାରେ କାର୍ଯ୍ୟ କରି ସଫଳତା ପାଇବେ ।

**ତୁଳା:** ରବି, ସୋମ, ମଙ୍ଗଳବାରରେ ଅତିଥିଙ୍କ ଆଗମନ ହୋଇପାରେ । ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ବୁଧ, ଗୁରୁବାରରେ ବ୍ୟବସାୟରେ ଅଧିକ ପୁଞ୍ଜି ନିବେଶ କରି ଲାଭବାନ ହେବେ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହେବେ । କର୍ମକ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସାମ୍ନା କରିବେ ।

**ବିଛା:** ରବି, ସୋମ, ମଙ୍ଗଳବାରରେ ଆଶା କରୁଥିବା ଦିଗରୁ ସୁଫଳ ପାଇବେ । ସମସ୍ୟାର ସମାଧାନ ଘଟିବ । ବୁଧ, ଗୁରୁବାରରେ ଅଧିକ ବିଶ୍ୱାସ କରି ଠକାମିର ଶିକାର ହୋଇପାରନ୍ତି । ଶୁକ୍ର, ଶନିବାରରେ ଆର୍ଥିକ କ୍ଷେତ୍ରରେ ପରିବର୍ତ୍ତନ ଦେଖାଦେବ । ପ୍ରେମ ଓ ଦାମ୍ପତ୍ୟ ସମ୍ପର୍କ ଭଲ ରହିବ ।

**ଧନୁ:** ରବି, ସୋମ, ମଙ୍ଗଳବାରରେ କ୍ୟାରିୟର୍‌ରେ ଉନ୍ନତି ପରିଲକ୍ଷିତ ହେବେ । ଭୁଲ୍ ବୁଝାମଣା ପାଇଁ ସମ୍ପର୍କରେ ତିକ୍ତତା ଦେଖାଦେବ । ବୁଧ, ଗୁରୁବାରରେ ଅଯଥା ଖର୍ଚ୍ଚରୁ ନିବୃତ୍ତ ରୁହନ୍ତୁ । ଶୁକ୍ର, ଶନିବାରରେ ଉଚ୍ଚଆଶା ପୂରଣ ହୋଇପାରେ । ବିଦେଶ ଯାତ୍ରା ଯୋଗ ରହିଛି ।

**ମକର:** ରବି, ସୋମ, ମଙ୍ଗଳବାରରେ ମନ ଅସ୍ଥିର ରହିବ । କାର୍ଯ୍ୟରେ ବାଧାବିଘ୍ନ ସୃଷ୍ଟି ହୋଇପାରେ । ବୁଧ, ଗୁରୁବାରରେ ବ୍ୟବସାୟିକ ଆୟବ୍ୟୟ ସମାନ ରହିବ । ଶୁକ୍ର, ଶନିବାରରେ ଗୁରୁଜନଙ୍କ ପରାମର୍ଶ ପାଇ ଆଗକୁ ବଢ଼ିବେ । ଛାତ୍ରଛାତ୍ରୀମାନେ କ୍ୟାରିୟର୍‌ରେ ଉନ୍ନତି କରିବେ ।

**କୁମ୍ଭ:** ରବି, ସୋମ, ମଙ୍ଗଳବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ବୁଧ, ଗୁରୁବାରରେ ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ସୁଖ ସନ୍ତୋଷର ଅଧିକାରୀ ହେବେ ।

**ମୀନ:** ରବି, ସୋମ, ମଙ୍ଗଳବାରରେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ । ସମସ୍ୟାର ସମାଧାନ ବାଟ ପାଇବେ । ବୁଧ, ଗୁରୁବାରରେ ପଡ଼ୋଶୀଙ୍କ ସହ ସମ୍ପର୍କରେ ଭିନ୍ନ ମୋଡ଼ ଦେଖାଦେବ । ଶୁକ୍ର, ଶନିବାରରେ ପରିବାର ସହଯୋଗରେ ଅର୍ଥଚିନ୍ତା ଦୂର ହେବ । ■